ନରସିଂହ ଅବତାର

ନୀଳମଣି ମିଶ୍ର

Digitized by srujanika@gmail.com

ନରସିଂହ ଅବତାର

ନୀଳମଣି ମିଶ୍ର

ବିଦ୍ୟାପୁରୀ
କଟକ

Digitized by srujanika@gmail.com

ପ୍ରଥମ ପ୍ରକାଶ ଏପ୍ରିଲ ୧୯୮୯

ପ୍ରକାଶକ
ଶ୍ରୀ ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

ମୁଦ୍ରଣ
ରେନ୍‌ବୋ ଅଫ୍‌ସେଟ୍ ପ୍ରାଇଭେଟ୍ ଲିମିଟେଡ୍
ଭୁବନେଶ୍ୱର

ମୂଲ୍ୟ—ଟ ୬.୦୦

Digitized by srujanika@gmail.com

ନରସିଂହ ଅବତାର

ଏକ

ମହାମୁନି କଶ୍ୟପ ଓ ଦେବୀ ଦିତିଙ୍କ କୋଳରେ ଜନ୍ମ ହେଲେ ହିରଣ୍ୟ ଓ ହିରଣ୍ୟାକ୍ଷ । ହିରଣ୍ୟାକ୍ଷ ଏତେ ଦୁର୍ଦ୍ଦାନ୍ତ ହେଲା ଯେ, ତାକୁ ବଧ



କରିବା ପାଇଁ ଭଗବାନ ବରାହ ଅବତାର ଗ୍ରହଣ କଲେ । ହିରଣ୍ୟାକ୍ଷ ଦାଉରେ ପୃଥିବୀ ଥର ଥର ହୋଇ କମ୍ପୁଥିଲା । ତା'ର ବଧ ଫଳରେ ଦେବଗଣ ଶାନ୍ତିରେ ନିଃଶ୍ୱାସ ମାରିଲେ । ପୃଥିବୀରେ ଶାନ୍ତି ବିରାଜିଲା କିନ୍ତୁ ଏ ଶାନ୍ତି

Digitized by srujanika@gmail.com

ବେଶିଦିନ ରହିପାରିଲା ନାହିଁ ।

ହିରଣ୍ୟାକ୍ଷର ବଡ଼ ଭାଇ ଥିଲା—ହିରଣ୍ୟକଶିପୁ । ସେ ବି କମ୍ ଦୁଷ୍ଟ ନ ଥିଲା । ତା' ଭାଇକୁ ଭଗବାନ ମାରିଥିବାରୁ, ସେ ରାଗରେ ଜଳି ଉଠିଲା । ବିଷ୍ଣୁଙ୍କ ନାମ ଶୁଣିବା ମାତ୍ରେ ସେ ରାଗରେ ଦାନ୍ତ କଡ଼ମଡ଼ କଲା । ବିଷ୍ଣୁଙ୍କ ନାଆଁ ଧରୁଥିବା ଲୋକଙ୍କୁ ସେ ପ୍ରାଣଦଣ୍ଡ ଦେଲା । ସେ ମନେ ମନେ ଭାବିଲା—ବିଷ୍ଣୁ ଗୋଟେ ପୁଣି କିଏ ? ସେ ଜଣେ ବଳବାନ୍ ବ୍ୟକ୍ତି ହୋଇଥିବାରୁ ତା'ର ଏତେ ବହପ । ମୁଁ ତାଙ୍କଠାରୁ କମ୍ ବଳବାନ୍ ନୁହେଁ । ତେଣୁ ମୁଁ ବିଷ୍ଣୁଙ୍କ ହେବ କାହିଁକି ? ସେ ଅସୁର ରାଜ୍ୟରେ ପ୍ରଚାର କରାଇ ଦେଲା—'ରାଜା ହିରଣ୍ୟକଶିପୁ ସ୍ୱୟଂ ନାରାୟଣ ।' ଏ କଥା ଶୁଣି ସାଧାରଣ ପ୍ରଜାମାନେ ମନେ ମନେ ଦୁଃଖିତ ହେଲେ । ସେମାନେ ଡରରେ ମୁହଁ ଖୋଲିଲେ ନାହିଁ ସତ, କିନ୍ତୁ ମନେ ମନେ ଭାବିଲେ— ଅସୁରଙ୍କ କାଳ ଘଡ଼ି ଆସିଲାଣି ।

ଅସୁରମାନଙ୍କ କାନକୁ ଏ ଘୋଷଣାଟି ବେଶ୍ ସୁହାଇଲା । ସେମାନେ ଏ ଘୋଷଣା ଶୁଣି ନାଚି ଉଠିଲେ ।

ହିରଣ୍ୟାକ୍ଷ ମରିଯିବା ପରେ ଅସୁରମାନେ ଭାଙ୍ଗି ପଡ଼ିଥିଲେ । ସେମାନେ ଦଳ ଦଳ ହୋଇ ଆସି ରାଜାଙ୍କୁ ତାଙ୍କ ମନୋଭାବ ଜଣାଇଲେ । ସେମାନଙ୍କ ଆଗରେ କହିଲା ହିରଣ୍ୟ—"ମୋ ଭାଇକୁ ବିନା ଦୋଷରେ ଶ୍ରୀହରି ମାରିଦେଲା । ସେ ଆଜି ନୁହେଁ, ସବୁଦିନେ ଦେବତାଙ୍କ ପକ୍ଷ ନେଇ ଅସୁରମାନଙ୍କୁ ମାରୁଛି । ମୁଁ ତାକୁ ଛାଡ଼ିବ ନାହିଁ । ଏହା ମଧ୍ୟରେ ମୁଁ ମୋ ଭାଇ ପାଇଁ ତାକୁ ନିଶ୍ଚୟ ପ୍ରାଣଦଣ୍ଡ ଦେବ ।"

Digitized by srujanika@gmail.com

ଅସୁରମାନେ ହିରଣ୍ୟକଶିପୁର କଥା ଶୁଣି ଖୁବ୍ ଖୁସି ହେଲେ। ସେମାନେ ଅସୁର ରାଜାର ଘୋଷଣା ଆଗରୁ ଶୁଣିଥିଲେ । ତା ମୁହଁରୁ ପ୍ରତିଶୋଧ ନେବା କଥା ଶୁଣି ସେମାନେ ଉଲୁସି ଉଠିଲେ । ଦୁଷ୍ଟ ଅସୁର ପ୍ରଜାଗଣ ଅସୁର ରାଜାର ଜୟଗାନ କରି ଫେରିଗଲେ ।

ଆଉଦିନେ ହିରଣ୍ୟକଶିପୁ ଗୋଟିଏ ସଭା ଡକାଇଲା । ବଡ଼ ବଡ଼ ଅସୁର ସରଦାରମାନେ ଆସି ସେଥିରେ ଯୋଗଦେଲେ । ହିରଣ୍ୟ ସେମାନଙ୍କ ଆଗରେ ନିଜର ଅନେକ ବାହାଦୁରୀ ବଖାଣିଗଲା । ଶେଷରେ ସେ କହିଲା—

"ବିଷ୍ଣୁ ନିଜକୁ ଭଗବାନ ବୋଲି କହୁଛି । ତା'ର ଏକମାତ୍ର ବଳ ହେଉଛି—

Digitized by srujanika@gmail.com

ପୁଣ୍ୟ । ଯାଗ, ହୋମ, ପୂଜା ଓ ସଦାଚାରରେ ପୁଣ୍ୟ ଅର୍ଜନ କରାଯାଏ । ବିଷ୍ଣୁର ବଳ କ୍ଷୟ କରିବା ଆମର ପ୍ରଧାନ କାର୍ଯ୍ୟ ହେବା ଉଚିତ । ତେଣୁ ତୁମେମାନେ ମୋର ଗୋଟିଏ ମାତ୍ର ଉପଦେଶ ଗ୍ରହଣ କର ।"

"ପ୍ରଥମେ ତୁମେମାନେ ହୋମ ଯାଗ ବନ୍ଦ କରାଅ । ପୂଜା ପାର୍ବଣରେ ବାଧା ଦିଅ । ଯଜ୍ଞ କରୁଥିବା ଋଷିମାନେ ସବୁ ଅନର୍ଥର ମୂଳ । ସେମାନଙ୍କୁ ଦେଖିବା ମାତ୍ରେ ବଧ କର । ଧର୍ମାତ୍ମା ବୋଲାଉଥିବା ବ୍ରାହ୍ମଣମାନଙ୍କୁ ଧ୍ୱଂସ କରିଦିଅ । ତା'ହେଲେ ଜଗତରୁ ପୁଣ୍ୟ କ୍ଷୟ ହୋଇଯିବ । ପୁଣ୍ୟ କ୍ଷୟ ହେଲେ, ବିଷ୍ଣୁଙ୍କ ବଳ ହାନି ଘଟିବ । ତା ଫଳରେ ଆମେ ତାଙ୍କୁ ସହଜରେ ମାରି ପାରିବା ।"

ଏହି ଉପଦେଶ ଅସୁରମାନଙ୍କ ମନକୁ ବେଶ୍ ପାଇଲା । ସେମାନେ କରତାଳି ଦେଇ ଅସୁର ରାଜାର ବଚନକୁ ସମର୍ଥନ ଜଣାଇ କହିଲେ— "ଦାନବପତି ! ତାହାହିଁ ହେବ, ତାହାହିଁ ହେବ । ଆମେମାନେ ଆପଣଙ୍କ ଆଜ୍ଞା ଅକ୍ଷରେ ଅକ୍ଷରେ ପାଳନ କରିବୁ ।"

ଅସୁରମାନଙ୍କ ସମର୍ଥନରେ ହିରଣ୍ୟର ଛାତି ଫୁଲି ଉଠିଲା । ସେ ଆହୁରି କୁଳୁରି ଉଠି କହିଲା "କାହାରିକୁ ତୁମେମାନେ ତପସ୍ୟା କରିବାର ସୁଯୋଗ ଦିଅ ନାହିଁ । ତା'ର ତପୋଭୂମିକୁ ଅପବିତ୍ର କରିଦିଅ । ତାକୁ ବଳପୂର୍ବକ ତପସ୍ୟା ସ୍ଥାନରୁ ଉଠାଇ ଆଣି ଦଣ୍ଡଦିଅ । ପୁଣି ଥରେ ଯଦି ସେ ତପସ୍ୟା କରିବସେ ତେବେ ତାକୁ ବଧ କର ।"

ଅସୁରମାନେ ପୁଣି କରତାଳି ଦେଇ ସମର୍ଥନ ଜଣାଇଲେ । ତା'ପରେ

Digitized by srujanika@gmail.com

ଯକ୍ଷସରାଜ ଗର୍ବରେ ଫୁଲଉଠି କହିଲ -"ତପସ୍ୱୀମାନେ ଗାଈକୁ 'ଗୋମାତା' ବୋଲି କହୁଛନ୍ତି । ଗୋମାତାର ସେବାକରି ସେମାନେ ପୁଣ୍ୟ ଅର୍ଜନ କରୁଛନ୍ତି । ସେଇମାନଙ୍କ କ୍ଷୀର, ଦଧି ଓ ଘୃତରେ ଯଜ୍ଞକର୍ମ ସଫଳ କରୁଛନ୍ତି । ତେଣୁ ତୁମେମାନେ ଗୋ ସମ୍ପଦକୁ ନଷ୍ଟ କରିଦିଅ । ତା'ର ଫଳରେ ଯଜ୍ଞରେ ବେଶି ବାଧା ପଡ଼ିବ । ପୁଣ୍ୟକ୍ଷୟ ହେଲେ ବିଷ୍ଣୁର ପ୍ରଭାବ କମିଯିବ । ଏହିପରି ଭାବରେ ସାରା ବିଶ୍ୱରୁ ବିଷ୍ଣୁର ସତ୍ତା ଲୋପ କରିଦେବ ।"

ଅସୁରମାନେ ହର୍ଷଧ୍ୱନି ମଧ୍ୟରେ ହିରଣ୍ୟଙ୍କ ଉପଦେଶ ଗ୍ରହଣ କଲେ । ହିରଣ୍ୟକଶିପୁ ଆହୁରି ଉଲ୍ଲସିତ ହୋଇ କହିଲେ—"ତୁମେମାନେ ମୋର ବିଶ୍ୱସ୍ତ ପ୍ରଜା । ମୁଁ ଯାହା ଯାହା କରିବା ଲାଗି ତୁମମାନଙ୍କୁ କହିଲି, ତାକୁ ସବୁମତେ ତୁମେମାନେ ପାଳନ କର । ଏହା ମଧ୍ୟରେ ମୁଁ ତପସ୍ୟା କରିବାଲାଗି ଯାଉଛି । ମୁଁ ତପସ୍ୟାରେ ସିଦ୍ଧିଲାଭ କରି ଫେରି ଆସିଲେ, ତିନିଲୋକର ରାଜା ହେବି ।"

ଏହାଶୁଣି ଅସୁରମାନେ, ହର୍ଷଧ୍ୱନି କରି ନାଚି ଉଠିଲେ । ହିରଣ୍ୟକଶିପୁ ପୁଣି କହିଲେ—"ମୁଁ ତପସ୍ୟା କରି ଫେରି ଆସିବା ମାତ୍ରେ, ଜଗତର ପୁଣ୍ୟ ନଷ୍ଟ କରିଦେବି । ପାପ ବଢ଼ିଗଲେ ଦେବତାଙ୍କ ଦାଉ କମିଯିବ । ତା' ଫଳରେ ମୋ' ପ୍ରଭାବ ଚାରିଆଡ଼େ ଖେଳିଯିବ ।"

ଅସୁରମାନେ ଖୁସିରେ ନାଚି ଉଠିଲେ । ସେମାନେ କହିଲେ—"ତା' ପରେ ଆପଣ ଆଉ କ'ଣ କ'ଣ କରିବେ ?"

ତହୁଁ ହିରଣ୍ୟକଶିପୁ ବାହାସ୍ଫୋଟ ମାରି କହିଲେ—"ମୁଁ ତପସ୍ୟାରୁ ଫେରିଲେ ସ୍ୱର୍ଗରେ ରାଜା ହେବି । ସେତେବେଳେ ମୁଁ ଦେବତା ଓ ଋଷିମାନଙ୍କୁ

Digitized by srujanika@gmail.com

ସେଠାରେ ରଖାଇ ଦେବ ନାହିଁ । ସେମାନଙ୍କୁ ସ୍ୱର୍ଗରୁ ମୁଁ ନରକକୁ ତଡ଼ିଦେବ । ସ୍ୱର୍ଗର ଦ୍ୱାର ମୁଁ ରାକ୍ଷସମାନଙ୍କ ପାଇଁ ଖୋଲିଦେବ ।"

ତା' ପରେ ଦୈତ୍ୟମାନେ ଅସୁର ରାଜଙ୍କ ଜୟଧ୍ୱନି କରିବାକୁ ଲାଗିଲେ ।

ହିରଣ୍ୟକଶିପୁ ବିଷ୍ଣୁଙ୍କ ଉପରେ ସବୁବେଳେ ରାଗୁଥିଲେ । ବିଷ୍ଣୁ ଗୋଟିଏ ଯାଦୁକର ବୋଲି ସେ କହୁଥିଲେ । ବିଷ୍ଣୁ ବରାହ ରୂପ ଧାରଣ କରି ତାଙ୍କ ଭାଇକୁ ମିଛଟାରେ ମାରିଥିଲେ ବୋଲି ସେ ଅଭିଯୋଗ କରୁଥିଲେ ।

ଏହି ସମ୍ବାଦ ପ୍ରଚାରିତ ହେବା ମାତ୍ରେ ଅସୁରମାନେ ଆନନ୍ଦରେ ନାଚି ଉଠିଲେ । ସେମାନେ ହିରଣ୍ୟକଶିପୁଙ୍କୁ ଭଗବାନ ବୋଲି ମନେ କଲେ । ସେମାନେ ନିଜ ନିଜ ମଧ୍ୟରେ କହି ବୁଲିଲେ ଆଉ ଏଣିକି ବିଷ୍ଣୁଙ୍କ କାରସାଦି ଚାଲିବ ନାହିଁ । ଆମ ରାଜା ତପସ୍ୟାରୁ ଫେରି ଆସିଲେ ସେ ବିଷ୍ଣୁଙ୍କୁ ବଧ କରିବେ ।

ହିରଣ୍ୟକଶିପୁ ତପସ୍ୟା କରିବା ପାଇଁ ବାହାରି ଗଲେ । ଅସୁରମାନେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜଣାଇଲେ । ସେ ମଧ୍ୟ ମନେ ମନେ ଗର୍ବିତ ହୋଇ ଭାବୁଥିଲେ ତପସ୍ୟାରେ ମୁଁ ନିଶ୍ଚୟ ସିଦ୍ଧିଲାଭ କରିବି । ତା'ପରେ ମୁଁ ଦେବଗଣଙ୍କୁ ସାଧି କରିଦେବ । ଦେବତାମାନେ ଆଉ ଅମରାବତୀରେ ରହି ପାରିବେ ନାହିଁ । ସେମାନେ ନନ୍ଦନକାନନରେ ବୁଲି ଆନନ୍ଦ ଉପଭୋଗ କରିବେ, ଆଉ ଅସୁରମାନେ ଏଣେତେଣେ ଧୂଳି ଛାଣି ଛାଣିବେ । ସେ କଥା ହୋଇପାରିବ ନାହିଁ । ମୁଁ ତ୍ରିପୁର ଅଧିପତି ହେବାମାତ୍ରେ ଅସୁରମାନଙ୍କ ଭାଗ୍ୟ

Digitized by srujanika@gmail.com

ବଳବାନ ହେବ । ତ୍ରିପୁରରେ ଆଉ ଦେବଗଣ ବଡ଼ହୋଇ ରହି ପାରିବେ ନାହିଁ । ଏଣିକି ଅସୁରମାନେ ସମାଜରେ ପ୍ରତିପତ୍ତିଶାଳୀ ହୋଇ ରହିବେ ।

ଦୁଇ

ହିରଣ୍ୟକଶିପୁ ଘୋର ବନରେ ପହଞ୍ଚିଲେ । ସେ କଠୋର ତପସ୍ୟା ଆରମ୍ଭ କରିବାକୁ ମନେ ମନେ ଭାବିଥିଲେ । ତେଣୁ ସେ ମନେ ମନେ କୁଳୁରି ଉଠି ଅସୁରମାନଙ୍କୁ କହିଲେ—"ମୁଁ ତପସ୍ୟାରୁ ସଫଳ ହୋଇ ଫେରିଆସିବା ପରେ ବିଷ୍ଣୁ ନିହତ ହୋଇଯିବ । ତୁମମାନଙ୍କ ମଧ୍ୟରୁ କାହାରିକୁ ବ୍ରହ୍ମା ପଦରେ ବସାଇଦେବା । ବାକି ରହିଲା—ମହେଶ୍ୱର ପଦ । ସେ ପଦରେ ଜଣେ ଅସୁର ହିଁ ରହିବ । ତୁମେମାନେ ଫେରିଯାଇ ଯଜ୍ଞ କାର୍ଯ୍ୟରେ ବାଧା ଦିଅ । ଗାଈ ଓ ମୁନିମାନଙ୍କୁ ବଧ କର । ଜଗତରେ ଯେତେ କିଛି ପୁଣ୍ୟ କାର୍ଯ୍ୟ ହେଉଛି ସବୁଥିରେ ବିଘ୍ନ ଜାତ କରାଅ । ମୁଁ ତପସ୍ୟାରେ ସଫଳ ହୋଇ ଶୀଘ୍ର ଫେରି ଆସିବି ।"

ଦୈତ୍ୟମାନେ ଫେରିଗଲେ । ସେମାନେ ବ୍ୟସ୍ତ ହୋଇ ଅସୁରରାଜଙ୍କୁ ଅପେକ୍ଷା କରି ରହିଲେ ।

ହିରଣ୍ୟକଶିପୁ ଘୋରବନରେ ତପସ୍ୟା କରିବା ପାଇଁ ପସନ୍ଦ କଲେ ନାହିଁ । ଉହୁଁ ଅନେକ ଚିନ୍ତା କରି ସେ ମନ୍ଦର ପର୍ବତକୁ ଚଢ଼ିଗଲେ । ପର୍ବତର ଶିଖର ଦେଶରେ ସେ ତପସ୍ୟା କରିବାକୁ ମନସ୍ଥ କଲେ ।

ଅସୁରରାଜ ଗୋଟିଏ ପାଦରେ ଛିଡ଼ା ହେଲେ । ସେ ପ୍ରଥମେ ଭୁଜହାତ ଯୋଡ଼ି ଉପରକୁ ଉଠାଇଲେ । ତା'ପରେ ସେ କଠୋର ତପସ୍ୟାରେ ନିମଗ୍ନ ହୋଇଗଲେ । ସେ ମନ-ପ୍ରାଣ-ଚଇତନ ଲଗାଇ ତପସ୍ୟାରେ ଲାଗି ପଡ଼ିଲେ ।

Digitized by srujanika@gmail.com

କେତେ ବରଷ ବିତିଗଲା । ଅସୁରରାଜ ସେହିପରି ଗୋଟିଏ ପାଦରେ ଛିଡ଼ା ହୋଇ ରହିଲା । ସେ ପ୍ରକୃତରେ କଠୋର ତପସ୍ୟା କରିବାକୁ ଲାଗିଲେ । ଦେହ ପ୍ରତି ତାଙ୍କର ଖିଆଲ ରହିଲା ନାହିଁ । ସେ ଟିକିଏ ହେଲେ ହଲଚଲ ହେଲେ ନାହିଁ । ତାଙ୍କ ଶରୀରରେ ଉଈ ଲାଗିଗଲେ । ଶେଷରେ ତାଙ୍କ ଶରୀରରେ ଉଈମାନେ ବସା ତିଆରି କଲେ । ଗୁରୁଆଡ଼ୁ ଧୂଳି ଉଡ଼ି ତାଙ୍କ ଶରୀର ଘୋଡ଼ାଇ ହୋଇଗଲା । ବରଷା ପାଣି ତାଙ୍କ ଉପରେ ପଡ଼ିଲା । ଘାସବୁ ତାଙ୍କ ଦେହ ଉପରେ ଗଛ ଉଠିଲା । ଏତେ ସବୁ ହେଲେ ମଧ୍ୟ ଅସୁରରାଜ ଟିକେ ହେଲେ ବିଚଳିତ ହେଲେ ନାହିଁ । ସେ କଠୋର ତପସ୍ୟାରେ ଲୀନ ହୋଇଥିଲେ । ତଥାପି ତାଙ୍କୁ ସଫଳତା ମିଳିଲା ନାହିଁ । ତାଙ୍କ ତପସ୍ୟା ଫଳରେ ତିନିଲୋକ ଥରି ଉଠିଲା । ତା'ର ଫଳରେ ନଦୀମାନଙ୍କରେ ବନ୍ୟା ଆସିଗଲା । ସମୁଦ୍ରରେ ବଡ଼ ବଡ଼ ଜୁଆର ଉଠିଲା । ମନେହେଲା—ସତେ ଅବା ସଂସାରରେ ପ୍ରଳୟ ଘୋଟିଯିବ ।

ତାହା ଦେଖି ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭାବିଲେ—ବ୍ରହ୍ମାଙ୍କ ପ୍ରଜାପତି ପଦ ଅସୁରରାଜ ନିଶ୍ଚୟ ଛଡ଼ାଇ ନେବ । ଇନ୍ଦ୍ରଙ୍କ ଇନ୍ଦ୍ରପଦ ଚାଲିଯିବ । କୌଣସି ଦିଗପାଳ ନିଜ ପଦରେ ରହିପାରିବେ ନାହିଁ ।

ପାହାଡ଼ମାନେ ଥରି ଉଠିଲେ । ପୃଥିବୀ ଟଳମଳ ହେଲା । ମନେହେଲା—ସତେ ଯେପରି ଧରଣୀ ଏଇଲାଗେ ସମୁଦ୍ରରେ ବିଲୀନ ହୋଇଯିବ ।

ଆକାଶ କମ୍ପି ଉଠିଲା । ତାରାମାନେ ଫୁଲ ଝଡ଼ିଲା ପରି ଧରଣୀ ଉପରେ ଝଡ଼ି ପଡ଼ିଲେ ।

Digitized by srujanika@gmail.com

ଦେବଗଣ ଭାବିଲେ—ଏହା ପ୍ରଳୟର ଲକ୍ଷଣ । ଅସୁରର ତପସ୍ୟା ଫଳରେ ଜଗତ ଧ୍ୱଂସ ହୋଇଯିବ ।

ଏହି ସମୟରେ ହିରଣ୍ୟକଶିପୁଙ୍କ ଶିରରୁ ଧୂଆଁ ଉଠିଲା । ରହିଁ ରହିଁ ତାଙ୍କ ଶରୀରରୁ ଅଗ୍ନି କଣିକାମାନ ବାହାରିଲା । ତା ଫଳରେ ସ୍ୱର୍ଗଆଡ଼େ ନିଆଁ ଲାଗିଗଲା । ଋଷିମୁନିମାନେ ଭୟରେ ଥରି ଉଠିଲେ । ସେମାନେ ଏପରି କଠୋର ତପସ୍ୟା ଦେଖି ନ ଥିଲେ ।

ଦେବତାମାନେ ଯାଇ ଦେବରାଜଙ୍କ ନିକଟରେ ପହଞ୍ଚିଲେ । ତାଙ୍କୁ ସବୁ ବିଷୟ ଜଣାଇ କହିଲେ—"ଦେବରାଜ, ଆମେମାନେ ଆପଣଙ୍କ ଶରଣ ପଶୁଛୁଁ । ଆପଣ ଆମକୁ ରକ୍ଷା କରନ୍ତୁ । ଏ ଅସୁରର ତପସ୍ୟା ଲାଗି

Digitized by srujanika@gmail.com

ରହିଲେ, ଜଗତ ଧ୍ୱଂସ ପାଇଯିବ । ଆପଣ କିଛି ଉପାୟଟିଏ ଉଦ୍ଭାବନ କରନ୍ତୁ । ନୋହିଲେ ଆମେମାନେ ଅନାଥ ହୋଇଯିବୁ ।”

ଇନ୍ଦ୍ର ଦେବଗଣଙ୍କ ବାଣୀ ପ୍ରାର୍ଥନା ଶୁଣିଲେ । ସେ ମନେ ମନେ ଭୟରେ ଥର ଉଠି କହିଲେ—“ଚାଲ, ସମସ୍ତେ ପିତାମହଙ୍କ ପାଖକୁ ଯିବା । ସେ ପ୍ରଜାସୃଷ୍ଟି କରିଛନ୍ତି । ରକ୍ଷାର ଉପାୟ ସେ ହିଁ ବତାଇ ଦେବେ ।”

ଦେବତାମାନେ ଇନ୍ଦ୍ରଙ୍କ ସାଙ୍ଗରେ ଚାଲିଲେ । ସଭିଏଁ ଯାଇ ବ୍ରହ୍ମଲୋକରେ ପହଞ୍ଚିଗଲେ । ପ୍ରଜାପତି ଦେବଗଣଙ୍କ ଆଡ଼କୁ ଚାହିଁଲେ । ସମସ୍ତଙ୍କ ମୁହଁ ଶୁଖି ଯାଇଥିଲା । ସେ ବ୍ୟସ୍ତ ହୋଇ ପଚାରିଲେ—“ଦେବଗଣ ! କାରଣ କ’ଣ ? ଆପଣମାନେ ଏକସଙ୍ଗରେ କାହିଁକି ଆସିଛନ୍ତି ? ଆପଣମାନଙ୍କ ମୁହଁ ଶୁଖିଲା ଦିଶୁଛି କାହିଁକି ?”

ତହୁଁ ଦେବଗଣଙ୍କ ପକ୍ଷରୁ ଦେବଗୁରୁ କହିଲେ—“ପିତାମହ, ଆପଣ କ’ଣ କିଛି ଅନୁଭବ କରନାହାନ୍ତି ? ଅସୁର ରାଜ ହିରଣ୍ୟକଶିପୁ ଘୋର ତପସ୍ୟା କରୁଛନ୍ତି । ତାଙ୍କ କଠୋର ତପସ୍ୟା ଫଳରେ ଚାରିଆଡ଼େ ପ୍ରଳୟର ଲକ୍ଷଣ ଦେଖାଗଲାଣି । ଆଉ କିଛିଦିନ ମଧ୍ୟରେ ଏ ସୃଷ୍ଟି ଧ୍ୱଂସ ପାଇଯିବ ।”

ପିତାମହ ସେହିକ୍ଷଣି ଧ୍ୟାନରେ ବସିଲେ । ସେ ଧ୍ୟାନ ବଳରେ ସବୁକିଛି ଜାଣିଗଲେ । ତହୁଁ ସେ କହିଲେ—“ଦେବଗଣ ଚାଲନ୍ତୁ, ଆମ୍ଭେମାନେ ମନ୍ଦର ପର୍ବତକୁ ଯିବା । ସେଠାକାର ଅବସ୍ଥା ନିରୀକ୍ଷଣ କରି ବିଚାର କରିବା ।”

ଦେବଗଣ ପିତାମହଙ୍କ ପଛେ ପଛେ ଚାଲିଲେ । ସଭିଏଁ ଯାଇ ମନ୍ଦର ଶିଖରରେ ପହଞ୍ଚିଗଲେ । ପିତାମହ ଅସୁରକୁ ଦେଖି ଚକିତ

Digitized by srujanika@gmail.com

ହୋଇଗଲେ । ତାଙ୍କ ଶରୀର ବାହାରକୁ ଦେଖାଯାଉ ନ ଥିଲା । କେବଳ ସେଥିରୁ ଅଗ୍ନିକଣା ବାହାରୁଥିଲା । ତା ଫଳରେ ଚାରିଆଡ଼େ ଗଛପତ୍ରମାନ ହୁ ହୁ ହୋଇ ଜଳୁଥିଲା ।

ବ୍ରହ୍ମା ଘଡ଼ିଏ କାଳ ଅସୁରର ଗତିବିଧି ଲକ୍ଷ୍ୟ କଲେ । ତହୁଁ ସେ କହିଲେ—ଦେବରାଜ ଅସୁରର ତପସ୍ୟା ସଫଳ ହେବାକୁ ଯାଉଛି । ଏଇ ମୁହୂର୍ତ୍ତରେ ତାକୁ ବର ଦେବାକୁ ହେବ । ନୋହିଲେ ତା'ର ଉଗ୍ର ତପୋବଳରୁ ଜଗତ ଧ୍ୱଂସ ପାଇଯିବ ।

ଏତିକି ବେଳେ ଅସୁର ରାଜାଙ୍କ ଶିରରୁ ଆହୁରି ବେଗରେ ନିଆଁ ଜଳି ଉଠିଲା । ସେହି ତେଜରେ ତ୍ରିଲୋକ ଆଲୋକିତ ହୋଇ ଉଠିଲା । ଦେବଗଣଙ୍କ ଆଖି ଝଲସି ଉଠିଲା । ସେମାନେ ଲକ୍ଷ୍ୟ କଲେ—ବିଶ୍ୱବ୍ରହ୍ମାଣ୍ଡ କମ୍ପି ଉଠୁଛି । ଚାରିଆଡ଼େ ହାହାକାର ରବ ଉଠୁଛି । ସମସ୍ତେ ତ୍ରାହି ତ୍ରାହି ଡାକ ଛାଡ଼ୁଛନ୍ତି । ପୃଥିବୀ ଟଳମଳ ହେଉଛି । ସମୁଦ୍ରର ଜୁଆର ପର୍ବତ ଶିଖରକୁ ଉଠୁଛି ।

ତାହା ଦେଖି ଦେବଗଣ ଭୟରେ ଥରିବାକୁ ଲାଗିଲେ । ତହୁଁ ବ୍ରହ୍ମା କହିଲେ—"ଦେବଗଣ, ଏଇଲେ ଅସୁରର ତପସ୍ୟା ସଫଳ ହେଲା । ତାକୁ ମନଲାଖି ବର ଦେବାକୁ ହିଁ ପଡ଼ିବ । ଆପଣମାନେ ଦେବଲୋକକୁ ବାହୁଡ଼ି ଯାଆନ୍ତୁ । ମୁଁ ଅସୁରରାଜର ତପସ୍ୟା ଭୂମିକୁ ଯାଉଛି ।"

ଦେବରାଜଙ୍କ ଗ୍ରହଣରେ ଦେବଗଣ ସେଠାରୁ ପଳାଇଗଲେ । ସେମାନେ ହିରଣ୍ୟକଶିପୁଙ୍କ ଉଗ୍ରତେଜ ସହିପାରିଲେ ନାହିଁ । ପିତାମହ ଧୀରେ

Digitized by srujanika@gmail.com

ଧୀରେ ଯାଇ ଅସୁରରାଜଙ୍କ ନିକଟରେ ପହଞ୍ଚିଗଲେ ।

ତିନି

ପିତାମହ ହିରଣ୍ୟକଶିପୁ ନିକଟରେ ପହଞ୍ଚିଗଲେ । ସେ ହିରଣ୍ୟକଶିପୁଙ୍କୁ ଧୀରେ ଧୀରେ ଡାକିଲେ—"ଅସୁରରାଜ ତୁମେ ଆଖି ଖୋଲ । ତୁମ ତପସ୍ୟା ସଫଳ ହୋଇଛି । ମୁଁ ତୁମ ତପସ୍ୟାରେ ପ୍ରସନ୍ନ ହୋଇଛି । ତୁମେ ମୋ'ଠାରୁ ମନଲାଖି ବର ମାଗିନିଅ ।"

ପ୍ରଜାପତିଙ୍କ ଡାକ ଶୁଣି ହିରଣ୍ୟକଶିପୁ କିଛି ଉତ୍ତର ଦେଲେ ନାହିଁ । ସେ ଆଗପରି ତପସ୍ୟାରେ ଲୀନ ରହିଲେ ।

ତା'ପରେ ବ୍ରହ୍ମା ଉଚ୍ଚସ୍ୱରରେ ଡାକିଲେ—"ଉଠ ଅସୁରରାଜ, ତୁମେ କଠୋର ତପସ୍ୟା କରି ମୋତେ ମୁଗ୍ଧ କରିଛ । ତୁମ ତପସ୍ୟା ସଫଳ ହୋଇଛି । ତୁମକୁ ଯାହା ଭଲ ଲାଗୁଛି ସେହି ବର ମୋ'ଠାରୁ ମାଗି ନିଅ ।"

ତଥାପି ହିରଣ୍ୟକଶିପୁ ଟଳିଲେ ନାହିଁ । ତହୁଁ ପିତାମହ କମଣ୍ଡଳୁରୁ ଜଳ ବାହାର କରି ତାଙ୍କ ଉପରେ ପକାଇଲେ । ତା' ଫଳରେ ଅସୁର ଦେହରୁ ମାଟି ଝଡ଼ିପଡ଼ିଲା । ସେ ଆଖିଖୋଲି ପିତାମହଙ୍କୁ ଚାହିଁଲେ । ତାଙ୍କ ଶରୀର ଆଗପରି ସୁସ୍ଥ ହୋଇଗଲା । ସେ ଉଠିପଡ଼ି ପିତାମହଙ୍କୁ ପ୍ରଣାମ କଲେ । ତା'ପରେ ହାତଯୋଡ଼ି ଛିଡ଼ା ହୋଇ ରହିଲେ ।

ପିତାମହ ପୁଣି ଥରେ କହିଲେ—"ଅସୁରରାଜ, ତୁମେ ବିଳମ୍ବ କର ନାହିଁ । ତୁମ ପରିଶ୍ରମ ସଫଳ ହୋଇଛି । ତୁମ ତପସ୍ୟା ଦେଖି ମୁଁ ଖୁସିହୋଇ ଏଠାକୁ ଧାଇଁ ଆସିଛି । ତୁମେ ମନଇଚ୍ଛା ବର ମୋ'ଠାରୁ ମାଗିନିଅ ।"

Digitized by srujanika@gmail.com

ତହୁଁ ହିରଣ୍ୟକଶିପୁ ପୁଣିଥରେ ପିତାମହଙ୍କ ପାଦ ଧରି ପ୍ରଣାମ କଲା । ପ୍ରଜାପତି ତାକୁ ତଳୁ ଉଠାଇ କହିଲେ-"ଅସୁରରାଜ, ତୁମ ସାଧନା ଦେଖି ମୁନିଋଷିମାନେ ମୁହଁ ତଳକୁ କରି ଦେଲେଣି । ଆଜିପର୍ଯ୍ୟନ୍ତ ଏପରି ତପସ୍ୟା କେହି କରି ନ ଥିଲେ । ତୁମେ ଯାହା ମାଗିବ, ମୁଁ ମୋ ସାଧ୍ୟ ଅନୁସାରେ ତୁମ ଅଭିଳାଷ ପୂରଣ କରିବି ।"

ଅସୁରରାଜ ମନେ ମନେ ଖୁସି ହୋଇଗଲେ । ସେ ଭାବିଲେ ଏହା ଗୋଟିଏ ଭଲ ସୁଯୋଗ । ଏ ସୁଯୋଗ ଛାଡ଼ିଦେଲେ ଚଳିବ ନାହିଁ । ତହୁଁ ସେ ମୁହଁ ଖୋଲି କହିଲେ ଯଦି ଆପଣ ମୋ ସାଧନାରେ ସନ୍ତୁଷ୍ଟ ହୋଇଛନ୍ତି, ତେବେ ମୋତେ ଅମର ବର ଦିଅନ୍ତୁ ।

ପିତାମହ ଅସୁରରାଜଙ୍କ ପିଠି ଆଉଁସି ଦେଇ କହିଲେ—"ଏ ବର ଦେବାର ଶକ୍ତି ମୋର ନାହିଁ । ଅମର ବର ବ୍ୟତୀତ ତୁମେ ଅନ୍ୟ ବର ମାଗିପାର ।"

ତହୁଁ ହିରଣ୍ୟକଶିପୁ ମନରେ କୂଟବୁଦ୍ଧି ଜାତ ହେଲା । ସେ ଭାବିଲେ—ମୁଁ ଏପରି ଗୋଟିଏ ବର ମାଗିବି ଯେ, ତାହା ଅମର ବରଠାରୁ ଅଧିକ ବଳୀୟାନ ହେବ । ମୁଁ ପିତାମହଙ୍କୁ କପଟ ଜାଲରେ ଛନ୍ଦି ଦେଇ ସେହି ଅମୋଘ ବର ହାସଲ କରିବି ।

ତହୁଁ ସେ ମୁହଁ ଖୋଲି କହିଲେ—"ମୋତେ ଘରେ କିମ୍ବା ବାହାରେ, ଦିନରେ କିମ୍ବା ରାତିରେ, ଭୂମି ଉପରେ କିମ୍ବା ଶୂନ୍ୟରେ, ନର କିମ୍ବା ପଶୁ କେହି ହେଲେ ବଧ କରି ପାରିବେ ନାହିଁ । ମୁଁ ତ୍ରିଲୋକର ଅଧିପତି ହୋଇ

Digitized by srujanika@gmail.com

ସୁଖଭୋଗ କରିବାକୁ ଚାହେଁ ।"

ପିତାମହ ଅସୁରର ମାଗୁଣିରେ ଅବାକ୍ ହୋଇଗଲେ । ସେ ପ୍ରଥମେ କିଛି ମୁହଁ ଖୋଲି କହି ପାରିଲେ ନାହିଁ । କିନ୍ତୁ ଆଉ ଉପାୟ ନ ଥିଲା । ସେ ଅସୁରକୁ ପ୍ରତିଶ୍ରୁତି ଦେଇ ସାରିଥିଲେ । ସେଥିରୁ ଓହରି ଯାଇହେବ ନାହିଁ । ତାହେଲେ ସେ ପୁଣିଥରେ ତପସ୍ୟାରେ ବସି ପଡ଼ିବ ।

ଏହା ଭାବି ପିତାମହ କହିଲେ—"ଅସୁରରାଜ ତୁମେ ମୋତେ ତପସ୍ୟା ବଳରେ ଜୟ କରି ସାରିଛ । ମୁଁ ତୁମର ଅଭିଳାଷ ପୂରଣ କରୁଛି ।



Digitized by srujanika@gmail.com

ତୁମେ ଯାହା ମାଗିଲ, ତାହା ମୋ ପ୍ରଭାବରୁ ପୂରଣ ହେବ । ଯାଅ, ତୁମେ ସୁଖରେ ରୁହ ।"

ହିରଣ୍ୟକଶିପୁ ଆନନ୍ଦରେ ଉଲୁସି ଉଠିଲେ । ସେ ପ୍ରଜାପତିଙ୍କ ଶ୍ରୀଚରଣରେ ପୁଣି ଥରେ ପ୍ରଣାମ କଲେ । ବିଧାତା ଅସୁରରାଜଙ୍କ ଶିରରେ ବରଦହସ୍ତ ରଖାଇ ତାଙ୍କୁ ଶୁଭାଶିଷ ଦେଲେ । ତା'ପରେ ସେ ସେଠାରୁ ବ୍ରହ୍ମଲୋକକୁ ଯିବାଲାଗି ହଂସ ଉପରେ ବସିଲେ ।

ହିରଣ୍ୟକଶିପୁ ଆନନ୍ଦରେ କୁଲୁରି ଉଠିଲେ । ସେ ଗର୍ବରେ ଶିର ଉଠାଇ ନିଜ ରାଜଧାନୀକୁ ଚାଲିଗଲେ । ବ୍ରହ୍ମା ଅସୁରରାଜର ଗତିପଥକୁ ଚାହିଁ ରହିଲେ ।

ଚାରି

ହିରଣ୍ୟକଶିପୁ ରାଜଧାନୀକୁ ଫେରି ଆସିଲେ । ତାଙ୍କ ଗୋଡ଼ ତଳେ ପଡୁ ନ ଥିଲା । ସେ ଅତିଶୀଘ୍ର ଦରବାର ଡକାଇଲେ । ଅସୁରମାନେ ଜୟ ଜୟକାର କରି ଦରବାରରେ ଯୋଗଦେଲେ । ସେମାନେ ପ୍ରଥମେ ହିରଣ୍ୟକଶିପୁଙ୍କ ଗୁଣଗାନ କଲେ । ତାଙ୍କ ଗଳାରେ ଫୁଲମାଳ ପିନ୍ଧାଇ ଦେଲେ ।

ତା'ପରେ ଗର୍ବରେ ଛାତି ଫୁଲାଇ ଅସୁରରାଜ କହିଲେ—"ଦୈତ୍ୟଗଣ ! ମୋ କହିବା ଅନୁସାରେ ତୁମେମାନେ କାର୍ଯ୍ୟ କରୁଛ ତ ?"

Digitized by srujanika@gmail.com

ତହୁଁ ଅସୁରମାନେ ଏକସ୍ୱରରେ କହିଲେ—"ଅସୁରରାଜ, ଆମେ ଆପଣଙ୍କ ଆଜ୍ଞା ଅକ୍ଷରେ ଅକ୍ଷରେ ପାଳନ କରିବୁ । ଆମକୁ ଆଉ କିଛି ଆଦେଶ ଦିଅନ୍ତୁ ।"

ହିରଣ୍ୟକଶିପୁ ସମସ୍ତଙ୍କୁ ଧନ୍ୟବାଦ ଦେଇ କହିଲେ—"ତୁମମାନଙ୍କ ସାହାଯ୍ୟରେ ମୁଁ ତ୍ରିଲୋକର ଅଧିପତି ହେବାକୁ ଯାଉଛି । ତୁମମାନଙ୍କ ମଧ୍ୟରୁ କେତେକ ପୃଥିବୀକୁ ଧ୍ୱଂସ କରିବାରେ ଲାଗିଯାଅ । ଆଉ କେତେକ ଅସୁର ସେମାନଙ୍କ ସୁରକ୍ଷାରେ ଭର୍ତ୍ତି ହୁଅ । ମୋର ସୈନ୍ୟମାନଙ୍କ ମଧ୍ୟରୁ ଅଧେ ଏହି କାର୍ଯ୍ୟରେ ନିୟୋଜିତ ଏବଂ ଆଉ ଅଧେ ସୈନ୍ୟ ମୋ ସହିତ ରହିବେ । ସେମାନେ ମୋ ଇଙ୍ଗିତରେ ସବୁକଥାକୁ କାର୍ଯ୍ୟ କରିବେ । ମୁଁ ସ୍ୱର୍ଗ ଓ ପାତାଳଲୋକକୁ ପ୍ରଥମେ ଜୟ କରିବାକୁ ଚାହେଁ । ତେଣୁ ମୁଁ ପାତାଳକୁ ଯିବା ଆଗରୁ ପ୍ରଥମେ ସ୍ୱର୍ଗକୁ ଯିବାଲାଗି ବାହାରିଛି ।"

ଏହାଶୁଣି ଅସୁରମାନେ କରତାଳି ଦେଇ ହିରଣ୍ୟକଶିପୁଙ୍କୁ ସମର୍ଥନ କଲେ । ଅସୁରରାଜ ଆହୁରି ଉତ୍ସାହିତ ହୋଇ କହିଲେ—"ଦେବରାଜ ଇନ୍ଦ୍ର ଭାବୁଛି—ସେ ସ୍ୱର୍ଗର ରାଜା । ତେଣୁ ତା' ଠାରୁ ଆଉ କେହି ବଳବାନ୍ ନାହାନ୍ତି । କିନ୍ତୁ ମୁଁ ତା'ର ଗର୍ବ ଚୂର୍ଣ୍ଣ କରିଦେବି । ତା'ର ବାସଭବନ ଅମରାବତୀପୁରୀକୁ ମୁଁ ଅଧିକାର କରିନେବି । ତାକୁ ସ୍ୱର୍ଗରୁ ପୂରାପୂରି ବାହାର କରିଦେଲେ ମୋତେ ଶାନ୍ତି ମିଳିବ । ଚାଲ, ଆଉ ବିଳମ୍ବ କରନାହିଁ । ଆମେ ସ୍ୱର୍ଗ ଉପରେ ଆକ୍ରମଣ କରିଦେବା ।"

ହିରଣ୍ୟକଶିପୁ ସୈନ୍ୟ ସହିତ ଯାଇ ସ୍ୱର୍ଗରେ ପହଞ୍ଚି ଗଲେ । ତାଙ୍କ

Digitized by srujanika@gmail.com

ଆଗମନରେ ଦେବଗଣ କିଏ କୁଆଡ଼େ ପଳାଇ ଯାଇ ଲୁଚିଲେ । ଦେବରାଜ ଇନ୍ଦ୍ର ଭୟଭୀତ ହୋଇ ଉଠିଲେ । ସେ କଅଣ କରିବେ କିଛି ଭାବିପାରିଲେ ନାହିଁ । ଶେଷରେ ସେ ଦେବଗଣଙ୍କୁ ନେଇ ବ୍ରହ୍ମଲୋକକୁ ଚାଲିଗଲେ ।

ଏଣେ ପୃଥିବୀରେ ଦଳ ଦଳ ହୋଇ ଅସୁରମାନେ ବୁଲିବାକୁ ଲାଗିଲେ । ସେମାନେ ପ୍ରଥମେ ମୁନିମାନଙ୍କ ଯଜ୍ଞଶାଳା ଭାଙ୍ଗି ପକାଇଲେ । ଗୋବଧ କଲେ । ଠାକୁର ମନ୍ଦିରମାନଙ୍କରେ ପଶି ପୂଜା ବନ୍ଦ କରାଇଲେ । ଗ୍ରାମମାନଙ୍କରେ ପଶି ହରି ଭଜନ ବନ୍ଦ କରାଇଲେ । ଯେ ସେମାନଙ୍କ ଆଗରେ

Digitized by srujanika@gmail.com

ପ୍ରତିବାଦ କଲା, ତାକୁ ସଙ୍ଗେ ସଙ୍ଗେ ବଧ କରିଦେଲେ । ଅସୁରମାନଙ୍କ ଭୟରେ ଦେବପୂଜା ବନ୍ଦ ହୋଇଗଲା । ମୁନିମାନେ ପ୍ରାଣଭୟରେ କିଏ କୁଆଡ଼େ ଯାଇ ଲୁଚିଲେ । ଦେଶରେ ଆଉ ଯାଗଯଜ୍ଞ ହୋଇନାହିଁ । କେହି କୌଣସିଠାରେ ଭଜନ କୀର୍ତ୍ତନ କଲେ ନାହିଁ । ସମସ୍ତେ ପ୍ରାଣଭୟରେ ବିକଳ ହେବାକୁ ଲାଗିଲେ । ଅସୁରମାନେ ଚାରିଆଡ଼େ ବୁଲି କହିଲେ—"ଅସୁରରାଜ ହିରଣ୍ୟ-କଶିପୁ ହେଉଛନ୍ତି ବିଷ୍ଣୁ । ତାଙ୍କ ନାମ ବ୍ୟତୀତ ଆଉ କେହି କାହାର ନାମ ଜପ କରିପାରିବେ ନାହିଁ । ଯେ ହରିନାମ ଜପ କରିବ, ତାକୁ ମୃତ୍ୟୁଦଣ୍ଡ ଦିଆଯିବ ।"

ଏହିପରି ଭାବରେ ଅସୁରମାନେ ପାତାଳଲୋକରେ ପହଞ୍ଚିଗଲେ । ଚାରିଆଡ଼େ ଉତ୍ପାତ କରିବାକୁ ଲାଗିଲେ । ନାଗରାଜ ବାସୁକି ସେମାନଙ୍କ ଡରରେ ଲୁଚି ରହିଲେ ।

ଅସୁର ସୈନ୍ୟଙ୍କ ବ୍ୟତୀତ ଗୁପ୍ତଚରମାନେ ଗାଆଁ ଗାଆଁ ବୁଲି ଖବର ରଖିଲେ । କେହି ଅସୁରରାଜଙ୍କ ବିରୋଧରେ ପଦଟିଏ କହୁଥିଲେ, ତାଙ୍କୁ ଧରିଆଣି କାରାଗାରରେ ରଖୁଥିଲେ । ଏହିପରି ଭାବରେ ଅସୁରଙ୍କ ଅତ୍ୟାଚାର ଚାରିଆଡ଼େ ବଢ଼ିବାକୁ ଲାଗିଲା । କେହି ଶାନ୍ତିରେ ନିଃଶ୍ୱାସ ମାରିପାରିଲେ ନାହିଁ । ଚାରିଆଡ଼େ ଅସୁରଙ୍କ କୋକୁଆ ଭୟ ଖେଳିଗଲା । ଲୋକମାନେ ମନେ ମନେ ପ୍ରମାଦ ଗଣିଲେ । ସବୁବେଳେ ସେମାନେ ମୃତ୍ୟୁକୁ ଅପେକ୍ଷା କରି ରହିଲେ । ତେଣୁ କାହାରି ମନରେ ସୁଖଶାନ୍ତି ରହିଲା ନାହିଁ । ସମସ୍ତେ ବିପଦ-ନାଶନ ପରମେଶ୍ୱରଙ୍କୁ ବିକଳରେ ଡାକ ପକାଇଲେ ।

Digitized by srujanika@gmail.com

ପାଞ୍ଚ

ଇନ୍ଦ୍ର ଦେବଗଣଙ୍କ ସହିତ ଯାଇ ବିଧାତାଙ୍କ ପାଖରେ ପହଞ୍ଚିଗଲେ। ସେମାନେ ଅଭିଯୋଗ କରି କହିଲେ—"ହେ ପିତାମହ, ଆପଣ ଅସୁରକୁ ବର ଦେଇ ବଳୀୟାନ୍ କରିଛନ୍ତି। ସେ ଏବେ ସ୍ୱର୍ଗପୁର ଆକ୍ରମଣ କରିଦେଲାଣି। ଆମେମାନେ ତା' ଭୟରେ ପଳାଇ ଆସିଛୁ। ଆପଣ ଆମକୁ ରକ୍ଷା କରନ୍ତୁ। ନୋହିଲେ ଦେବକୁଳ ନାଶ ହୋଇଯିବ।"

ବ୍ରହ୍ମା ସମସ୍ତଙ୍କ କାକୁତିମିନତି ଶୁଣିଲେ। ଶେଷରେ ସେ କହିଲେ—"ମୁଁ କଅଣ କରିବି ? ସେତେବେଳେ ଅସୁରକୁ ବର ଦେଇ ନ ଥିଲେ ବିଶ୍ୱ ଧ୍ୱଂସ ପାଇଯାଇଥାନ୍ତା। ବର ଦେବା ପରେ ସେ ଗର୍ବରେ ଫୁଲି ଉଠିଛି। ମୁଁ ତାକୁ ବରଦାନ ଦେଇଛି। ତେଣୁ ତାକୁ ବିନାଶ କରିପାରିବି ନାହିଁ। ତେଣୁ ତୁମେମାନେ ବିଷ୍ଣୁଙ୍କ ନିକଟକୁ ଯାଅ। ସେ ତୁମମାନଙ୍କ ଦୁଃଖ ଦୂର କରିବେ।"

ଦେବତାମାନେ ସେଠାରୁ କ୍ଷୀରସାଗର ତଟକୁ ଚାଲିଗଲେ। ସେଠାରେ ସେମାନେ ବିଷ୍ଣୁଙ୍କୁ ସ୍ତୁତି କରିବାକୁ ଲାଗିଲେ। ସେମାନଙ୍କ ଆକୁଳ ପ୍ରାର୍ଥନାରେ ଶ୍ରୀହରିଙ୍କ ଯୋଗନିଦ୍ରା ଭଙ୍ଗ ହେଲା। ସେ ଦେବଗଣଙ୍କ ନିକଟକୁ ଆସି କହିଲେ—"ଦେବଗଣ ! ମୁଁ ହିରଣ୍ୟକଶିପୁକୁ ଜାଣିଛି। ତା' ଅତ୍ୟାଚାର

Digitized by srujanika@gmail.com

ବିଷୟରେ ମୋତେ ଜଣା ଅଛି । ମୁଁ ତା ଭାଇ ହିରଣ୍ୟାକ୍ଷକୁ ବଧ କରିଛି । ଏହାକୁ ମଧ୍ୟ ବଧ କରିବ । ସେ ପିତାମହଙ୍କ ଠାରୁ ଅଲୌକିକ ବଳ ପାଇଛି । ତୁମେମାନେ ନିଶ୍ଚିନ୍ତରେ ରୁହ । ମୁଁ ଠିକ୍ ସମୟରେ ଅସୁରକୁ ନାଶ କରିବ ।”

ଇନ୍ଦ୍ର ଏହା ଶୁଣି ବିଚଳିତ ହୋଇଗଲେ । ସେ ହାତଯୋଡ଼ି କହିଲେ —“ପ୍ରଭୋ ! ଆମେମାନେ ଆଉ କେତେଦିନ ଲୁଚିଛପି କାଳ କାଟିବୁ ? ଅସୁର-ମାନେ ସ୍ୱର୍ଗରେ ଉତ୍ପାତ ଆରମ୍ଭ କରିଛନ୍ତି । ଆମେମାନେ ବଣପାହାଡ଼ରେ ଲୁଚି ରହୁଛୁ । ତେଣେ ଧରଣୀରେ ଅସୁରମାନେ ଅତ୍ୟାଚାର ଚଳାଇଛନ୍ତି । ମୁନିଋଷିମାନେ ଆଉ ଯାଗଯଜ୍ଞ କରୁନାହାନ୍ତି । ଭଜନ ପୂଜନ ସଂସାରରୁ ଲୋପ ପାଇଗଲାଣି । ଲୋକମାନେ ଦାହି ଦାହି ଡାକ ଛାଡ଼ୁଛନ୍ତି । କେବେ ଆପଣ ଅସୁରକୁ ମାରିବାର ଉଚିତ ସମୟ ପାଇବେ ?”

ଭଗବାନ ଦେବତାମାନଙ୍କୁ ବୁଝାଇ କହିଲେ—“ଦେବଗଣ ! ଏତେ ବିବ୍ରତ ହେଲେ ଚଳିବ ନାହିଁ । ଅସୁରର ପାପଭାର ନ ବଢ଼ିଲେ ତାକୁ ମାରିହେବ କିପରି ? ହଁ, ଗୋଟିଏ ଶୁଭ ଖବର ତୁମକୁ ଜଣାଉଛି । ଅସୁରରାଜ ହିରଣ୍ୟ-କଶିପୁର ଚାରି ପୁଅଙ୍କ ମଧ୍ୟରେ ପ୍ରହ୍ଲାଦ ମୋ’ ଭକ୍ତ । ତା’ର ଆଉ ତିନିପୁଅ-ଯାକ ପିତାଙ୍କ ପରି ଅତ୍ୟାଚାରୀ । କିନ୍ତୁ ପ୍ରହ୍ଲାଦ ମୋତେ ଇଷ୍ଟଦେବତାଙ୍କ ଭଜନ କରୁଛି । ତା’ର ଯୋଗୁ ହିରଣ୍ୟକଶିପୁ ନାଶ ହେବ । ମୁଁ ତାକୁ ନିଜ ହାତରେ ବଧ କରିବ ।”

Digitized by srujanika@gmail.com

ପରମେଶ୍ୱରଙ୍କ ବାଣୀ ଶୁଣି ଦେବତାମାନେ କ୍ଷୀରସାଗର ତୀରରୁ ଲେଉଟି ଆସିଲେ ।

ଏଣେ ଧରଣୀଦେବୀ ଅନନ୍ତଙ୍କପାଖରେ କାନ୍ଦି କାନ୍ଦି କହୁଥିଲେ—"ନାଗରାଜ, ମୁଁ ଅସୁରମାନଙ୍କ ଭାର ବହନ କରିପାରୁ ନାହିଁ । ସେମାନେ ପୃଥିବୀରେ ଘୋର ଅତ୍ୟାଚାର ଆରମ୍ଭ କରିଦେଇଛନ୍ତି ।"

ନାଗରାଜ ଅନନ୍ତ କହିଲେ—"ଦେବି ଧରଣି"! ବ୍ୟସ୍ତ ହେଲେ ଚଳିବ ନାହିଁ । ମୁଁ ତୁମକୁ ଧରିରଖିଛି । ମୋତେ ମଧ୍ୟ ଖୁବ୍ କଷ୍ଟ ହେଉଛି ।

Digitized by srujanika@gmail.com

କଅଣ ଉପାୟ କୁହ ! ପରମେଶ୍ୱର ଶୀଘ୍ର ଆମ ଦୁଃଖ ଦୂର କରିବେ । ମୁଁ ଶୁଣିଲି ବିଷ୍ଣୁ ଦେବରାଜଙ୍କୁ ଆଶ୍ୱାସନା ଦେଇଛନ୍ତି । ସେ ଶୀଘ୍ର ହିରଣ୍ୟକଶିପୁକୁ ସଂହାର କରିବେ ।”

“ଦେବି, ଅସୁର ଯେଉଁ ବର ପାଇଛି, ତାକୁ ବଧକରିବା ସହଜ ନୁହେଁ ! ଜଗତର ପାଳକ ଭଗବାନ ସେଥିପାଇଁ ଉପାୟ ଚିନ୍ତା କରିବେ । ତୁମେ ସେହି ପରମେଶ୍ୱରଙ୍କ ନାମ ଜପ କର । ସେହି ପତିତପାବନ ଆମକୁ ରକ୍ଷା କରିବେ ।”

ଶେଷନାଗ ଅନନ୍ତଙ୍କ କଥା ଶୁଣି ଧରଣୀ ମନଖୁସିରେ ଫେରି-ଆସିଲେ । ଏଣେ ଅସୁରମାନଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଲା । ଲୋକମାନେ ମନେ ମନେ ବ୍ୟାକୁଳ ହୋଇ ବିଷ୍ଣୁଙ୍କ ଶରଣ ନେଲେ ।

ଛଅ

ହିରଣ୍ୟକଶିପୁର ଚାରିପୁଅଙ୍କ ମଧ୍ୟରେ ପ୍ରହ୍ଲାଦ ଥିଲେ—ଶାନ୍ତ, ସୁଶୀଳ ଓ ବିଷ୍ଣୁଭକ୍ତ । ଅସୁରରାଜ ଏହା ଜାଣି ନ ଥିଲେ । ସେ ପାଠ ପଢ଼ାଇବା ଲାଗି ପ୍ରହ୍ଲାଦଙ୍କୁ ଗୁରୁଙ୍କ ଗୃହକୁ ପଠାଇଲେ । ଗୁରୁ ପ୍ରହ୍ଲାଦଙ୍କୁ ମନଯୋଗ ସହକାରେ ପାଠ ପଢ଼ାଇଲେ । ତାଙ୍କୁ ରାଜନୀତି ଓ ଅସୁରନୀତି ଶିଖାଇଲେ । ପ୍ରହ୍ଲାଦ ସବୁପାଠ ଶୁଣିଲେ ସତ, କିନ୍ତୁ କିଛିହେଲେ ମନେ ରଖିଲେ ନାହିଁ । ସେ ସବୁବେଳେ ହରିନାମ ଜପକରି କାଳ କାଟିଲେ ।

Digitized by srujanika@gmail.com

ଦିନେ ରାଜା ହିରଣ୍ୟକଶିପୁ ପୁଅକୁ ଡକାଇ ଆଣି କହିଲେ—
"ପୁଅରେ, ଗୁରୁଙ୍କ ଠାରୁ ତୁ କ'ଣ ପାଠ ପଢ଼ିଛୁ କହିଲୁ ?"

ପ୍ରହ୍ଲାଦ ପିତାଙ୍କ ଚରଣରେ ପ୍ରଣାମ କରି କହିଲେ—"ପିତୃଦେବ, ମୁଁ ପ୍ରଥମେ ଜଗତର ପାଳକ ଶ୍ରୀହରିଙ୍କୁ ପ୍ରଣାମ କରୁଛି । ତା'ପରେ ଆପଣଙ୍କୁ ପାଠ ଶୁଣାଇବି ।"

ଶ୍ରୀହରିଙ୍କ ନାମ ଶୁଣି ଅସୁରରାଜ ରାଗରେ ଜରଜର ହୋଇଗଲେ । ସେ ପ୍ରହ୍ଲାଦକୁ ଧମକାଇ ପଚାରିଲେ—"ରେ ଅଧମ ତୋତେ ଏ ପାଠ ଶିଖାଇଲା କିଏ ? ସେ ଗୁରୁ କ'ଣ ତୋତେ ଏଇଆ ଶିଖାଇଛି ?"

Digitized by srujanika@gmail.com

ଅସୁରରାଜ ପ୍ରହ୍ଲାଦଙ୍କ ଗୁରୁଙ୍କୁ ଡକାଇ ଆଣି ଖୁବ୍ ବିରକ୍ତ ହେଲେ । ତାଙ୍କୁ ଅଯୋଗ୍ୟ ଗୁରୁ ବୋଲି କହି ସଭାରୁ ବାହାର କରିବାକୁ ଆଦେଶ ଦେଲେ । ବିଚରା ଗୁରୁ ଭୟରେ ଥରିଥରି କହିଲେ—"ରାଜନ୍, ଏସବୁ ଶିକ୍ଷା ମୁଁ ଦେଇନାହିଁ । ମୁଁ କୁମାରଙ୍କୁ ସବୁବେଳେ ଅସୁର ନୀତି ଶିଖାଉଛି ।"

ତହୁଁ ହିରଣ୍ୟକଶିପୁ ପ୍ରହ୍ଲାଦ ଉପରେ ରାଗିଯାଇ ତାଙ୍କୁ ପଚାରିଲେ—"ମୂର୍ଖ, ଗୁରୁ କ'ଣ ଶିଖାଉଛନ୍ତି ଶୁଣିଲୁ ? ତା'ହେଲେ ତୁ ମୋ ଶତ୍ରୁର ନାମ ଶିଖିଲୁ କେଉଁଠୁ ?"

ପ୍ରହ୍ଲାଦ କିନ୍ତୁ ଭୟରେ ବିଚଳିତ ହେଲେ ନାହିଁ । ସେ ଦୁଇହାତ ଯୋଡ଼ି ବିନୀତ ଭାବରେ କହିଲେ—"ପିତା ଭଗବାନ୍ ସମସ୍ତଙ୍କ ହୃଦୟରେ ବାସ କରନ୍ତି । ସେ ଅନ୍ତର୍ଯ୍ୟାମୀ । ତାଙ୍କ ନାମ, ଗୁଣ ଓ ରୂପ ବିଷୟରେ କେହି କାହାରିକୁ ଶିଖାଏ ନାହିଁ । ପରମାତ୍ମା ପରମେଶ୍ୱର ହେଉଛନ୍ତି—ଜଗଦ୍ଗୁରୁ । ସେ ସମସ୍ତଙ୍କୁ ସବୁକଥା ଶିଖାଉଛନ୍ତି ।"

ହିରଣ୍ୟକଶିପୁ ଆଉ ପ୍ରହ୍ଲାଦଙ୍କ ଉତ୍ତର ଧୈର୍ଯ୍ୟଧରି ଶୁଣିପାରିଲେ ନାହିଁ । ସେ ଗର୍ଜିଉଠି କହିଲେ—"ରେ ଅସୁରକୁଳକଳଙ୍କ ତୁ ଏ ନାମ ଧରନା । ସେ ମୋର ଶତ୍ରୁ । ସେ ମୋ ଭାଇକୁ ମାରିଛି ।"

ପ୍ରହ୍ଲାଦ କହିଲେ—"ବାପା, ଭଗବାନ୍ କାହାର ଶତ୍ରୁ ନୁହଁନ୍ତି । ସେ ସମସ୍ତଙ୍କର ମଙ୍ଗଳ କରନ୍ତି । ସେ ଦୁଷ୍ଟମାନଙ୍କୁ ସଂହାର କରି ସନ୍ଥ ଜନଙ୍କୁ ରକ୍ଷା କରନ୍ତି । ବାପା ଆପଣ ଅବୁଝା ହୁଅନ୍ତୁ ନାହିଁ । ଭଗବାନ୍ କାହାରିକୁ ମାରନ୍ତି

Digitized by srujanika@gmail.com

ନାହିଁ । ସମସ୍ତେ ନିଜ ନିଜର କର୍ମ ଅନୁସାରେ ଫଳ ପାଆନ୍ତି । ଭଗବାନ୍ ସର୍ବଶକ୍ତିମାନ୍ । ଆପଣ ତାଙ୍କୁ ଶତ୍ରୁ ବୋଲି କହନ୍ତୁ ନାହିଁ ।”

ହିରଣ୍ୟକଶିପୁ ଆଉ ସମ୍ଭାଳି ପାରିଲେ ନାହିଁ । ସେ ପ୍ରହ୍ଲାଦଙ୍କୁ ଅନେକ ଗାଳିଦେଲେ । ଆଉ କେବେ ବିଷ୍ଣୁଙ୍କ ନାମ ନ ଧରିବାଲାଗି ଅନେକ ଉପଦେଶ ଦେଲେ । କିନ୍ତୁ କିଛି ପ୍ରଭାବ ପ୍ରହ୍ଲାଦଙ୍କ ଉପରେ ପଡ଼ିଲା ନାହିଁ । ସେ ଆଗଠାରୁ ବେଶୀ ଭଗବାନ ଭଜନ କଲେ । ମୁନିଋଷିଙ୍କୁ ଆଦର କଲେ । ପୂଜାପାଠରେ ମନ ଲଗାଇଲେ ।

ଅସୁରରାଜଙ୍କ ପକ୍ଷରେ ଏହା ଅସହ୍ୟ ହୋଇଉଠିଲା । ସେ ପ୍ରହ୍ଲାଦଙ୍କୁ ଜୀବନରୁ ମାରିଦେବାକୁ ସ୍ଥିରକଲେ । ଏବେ ସେ ସୈନ୍ୟମାନଙ୍କୁ ଡାକି ଆଜ୍ଞା ଦେଲେ ଏ ନରାଧମକୁ ନେଇ ବଣରେ ହାଣି ପକାଅ । ଏ ବଞ୍ଚିରହିଲେ ମୋ କୁଳରେ କଳଙ୍କ ଲାଗିବ ।

ଅସୁରମାନେ ପ୍ରହ୍ଲାଦଙ୍କୁ ନେଇ ଚାଲିଗଲେ । ତାଙ୍କ ହାତଗୋଡ଼ ବାନ୍ଧି ତରବାରୀରେ ହାଣିବାକୁ ଲାଗିଲେ । କିନ୍ତୁ ପ୍ରହ୍ଲାଦଙ୍କ ଦେହରେ ଗାରଟିଏ ସୁଦ୍ଧା ପଡ଼ିଲା ନାହିଁ । ସେମାନେ ଫେରିଆସି ସବୁକଥା ଅସୁରରାଜଙ୍କୁ ଜଣାଇ ଦେଲେ ।

ହିରଣ୍ୟକଶିପୁ ତା'ପରେ ନିଜ ଭଉଣୀ ହୋଲିକାକୁ ଡକାଇ ଆଣିଲେ । ହୋଲିକାର ଗୋଟିଏ ବିଶେଷ ଗୁଣ ଥିଲା । ସେ ଯାହାକୁ କୋଳରେ ଧରି ନିଆଁରେ ବସେ, ସେ ଲୋକ ଜଳିଯାଏ ଏବଂ ହୋଲିକା ନିର୍ବିଘ୍ନରେ ନିଆଁରୁ

Digitized by srujanika@gmail.com

ବାହାରି ଆସେ । ଦୈତ୍ୟରାଜ ହୋଲିକା କୋଳରେ ପ୍ରହ୍ଲାଦଙ୍କୁ ନିଆଁରେ ବସାଇଦେଲେ । କିନ୍ତୁ ଭଗବାନଙ୍କ ଦୟାରୁ ସେହି ନିଆଁରେ ହୋଲିକା ଜଳିଗଲା । ପ୍ରହ୍ଲାଦର ଦେହରେ ଫୋଟକାଟିଏ ସୁଦ୍ଧା ହେଲା ନାହିଁ । ଏହାଫଳରେ ହିରଣ୍ୟକଶିପୁ ଡରିଗଲେ । ସେ ପ୍ରହ୍ଲାଦଙ୍କୁ ପାଖରେ ବସାଇ ଅନେକ ବୁଝାଇଲେ । ହରିନାମ ଜପ ନ କରିବାକୁ ଉପଦେଶ ଦେଲେ ।

ତହୁଁ ପ୍ରହ୍ଲାଦ କହିଲେ—"ପିତା, ଆପଣ ଅବୁଝା ହୁଅନ୍ତୁ ନାହିଁ । ଆପଣ ଭଗବାନ ବିଷ୍ଣୁଙ୍କ ଭକ୍ତ ହୋଇ ଯାଆନ୍ତୁ । ସେ କରୁଣାସାଗର । ଆପଣଙ୍କ ଦୋଷ କ୍ଷମା କରିଦେବେ ।"

Digitized by srujanika@gmail.com

"କ'ଣ କହିଲୁ ଅଧମ ବାଳକ ? ମୁଁ ପୁଣି ବିଷ୍ଣୁର ଭକ୍ତ ହୋଇଯିବ ? ତା ନାମ ଜପ କରିବ ? ସେ ମୋ ଦୋଷ କ୍ଷମା କରିଦେବ ? ଗର୍ଜି ଉଠିଲେ ହିରଣ୍ୟକଶିପୁ—ମୁଁ ତୋତେ ଉଚିତ୍ ଶିକ୍ଷା ଦେଉଛି । ଅବୋଧ ବାଳକ । ତୁ ଜାଣିରଖ, ବିଷ୍ଣୁ ମୋର ଶତ୍ରୁ । ମୁଁ ତା ଠାରୁ ବେଶି ଶକ୍ତିଶାଳୀ ।"

ସେ ପ୍ରହ୍ଲାଦଙ୍କୁ ବିଷ ଖୁଆଇ ମାରିଦେବା ଲାଗି ଆଦେଶ ଦେଲେ । ରୋଷେଇଆମାନେ ଖାଇବା ଜିନିଷରେ ବିଷ ମିଶାଇ ପ୍ରହ୍ଲାଦଙ୍କୁ ଖାଇବା ଲାଗି ଦେଲେ । ପ୍ରହ୍ଲାଦ ହରିଙ୍କ ନାମ ଜପକରି ସେହି ବିଷମିଶା ଖାଦ୍ୟ ଖାଇଦେଲେ । ତାଙ୍କର କିଛି ହେଲାନାହିଁ ।

ତା'ପରେ ହିରଣ୍ୟକଶିପୁ ସାପୁଆକେଳାମାନଙ୍କୁ ଡକାଇ ଆଣି କହିଲେ—"ମୋର ଏହି ଶତ୍ରୁକୁ ତୁମେମାନେ ନେଇଯାଅ । ତାକୁ ବିଷଧର ସାପ ମୁହଁରେ ଛାଡ଼ିଦିଅ । ସେ ମରିଗଲେ ମୋତେ ଆସି ଖବର ଦେବ । ମୁଁ ତୁମମାନଙ୍କୁ ଯଥେଷ୍ଟ ପୁରସ୍କାର ଦେବ ।"

ତାହା ହିଁ କରାଗଲା । ସାପୁଆକେଳାମାନେ ପ୍ରହ୍ଲାଦଙ୍କୁ ନେଇଗଲେ । ସେମାନେ ତାଙ୍କ ହାତଗୋଡ଼ ବାନ୍ଧି ବିଷଧର ସାପ ଛାଡ଼ିଦେଲେ । ସାପମାନେ ଫଅଁ ଫଅଁ କରି ପ୍ରହ୍ଲାଦଙ୍କୁ ଅନେକ ଚୋଟ ମାରିଲେ । ପ୍ରହ୍ଲାଦ ନୀରବରେ ବସି ଭଗବାନଙ୍କ ନାମ ଜପ କରିବାକୁ ଲାଗିଲେ । ସାପମାନଙ୍କ ବିଷଦାନ୍ତ ଝଡ଼ିଗଲା । ସାପୁଆକେଳା ଏହା ଦେଖି ଡରିଗଲେ । ସେମାନେ ଶୀଘ୍ର ଯାଇ ଅସୁରରାଜଙ୍କ ଆଗରେ ଏ ଘଟଣା ଜଣାଇଲେ ।

Digitized by srujanika@gmail.com

ତା'ପରେ ହିରଣ୍ୟକଶିପୁ ମାହୁନ୍ତକୁ ଡକାଇ ଆଣି କହିଲେ—"ମାହୁନ୍ତ, ତୁମେ ପ୍ରହ୍ଲାଦକୁ ନେଇ ହାତୀର ପାଦତଳେ ପକାଇ ଚକଟି ଦିଅ। ତା ମୃତଦେହ ଦେଖିଲେ, ମୁଁ ଅନ୍ନଜଳ ଗ୍ରହଣ କରିବି।"

ମାହୁନ୍ତ ପ୍ରହ୍ଲାଦଙ୍କୁ ତଳେ ଶୁଆଇ ଦେଇ ତାଙ୍କ ଉପରେ ହାତୀ ଚଳାଇ ଦେଲା। କିନ୍ତୁ ଆଶ୍ଚର୍ଯ୍ୟର କଥା, ସେଥିରେ ତାଙ୍କର କିଛି ହେଲା ନାହିଁ। ବରଂ ଆଗଠାରୁ ସେ ଅଧିକ ଉଚ୍ଚସ୍ୱରରେ ଭଗବାନଙ୍କ ନାମ ଭଜନ କରିବାକୁ ଲାଗିଲେ।

Digitized by srujanika@gmail.com



ହିରଣ୍ୟକଶିପୁ ଏହା ଦେଖି ରାଗରେ ଜଳିଗଲେ । ତାଙ୍କ ଦେହ କ୍ରୋଧରେ ନାଲ୍ ହୋଇଗଲା । ଏହା ଦେଖି ମନ୍ତ୍ରୀ ଓ ଅମାତ୍ୟମାନେ ତାଙ୍କୁ ବିଶ୍ରାମ ଗୃହକୁ ନେଇଗଲେ । କିନ୍ତୁ ଅସୁରରାଜ ଆଦୌ ବିଶ୍ରାମ କରିପାରିଲେ ନାହିଁ । କିପରି ପ୍ରହ୍ଲାଦଙ୍କୁ ଭଲ ବାଟକୁ ଆଣିବେ ସେହି କଥା ଚିନ୍ତା କରିବାକୁ ଲାଗିଲେ ।

ସାତ

ପରଦିନ ଅସୁରରାଜ ଦରବାର ବସାଇଲେ । ତାଙ୍କ ପରାମର୍ଶଦାତା ଅସୁରମାନେ ଦରବାରରେ ଯୋଗ ଦେଲେ । ହିରଣ୍ୟକଶିପୁ ସେମାନଙ୍କ

Digitized by srujanika@gmail.com

ଆଗରେ ନିଜର ମନକଥା ଜଣାଇଲେ । ତାଙ୍କୁ ଜଣେ ଅସୁରସାମନ୍ତ କହିଲା —"ମହାରାଜ, ଆପଣ ଚିନ୍ତା କରନ୍ତୁ ନାହିଁ। ଆମେମାନେ ସମସ୍ତେ ମିଶି ପ୍ରହ୍ଲାଦଙ୍କୁ ବୁଝାଇବୁ । ନୋହିଲେ, ଅନ୍ୟ ଦଣ୍ଡବିଧାନର ବ୍ୟବସ୍ଥା କରାହେବ ।"

ପ୍ରହ୍ଲାଦଙ୍କୁ ଦରବାର ଗୃହକୁ ଡକାଗଲା । ସେ ହରିନାମ ଭଜନ କରି କରି ସେଠାରେ ପହଞ୍ଚିଲେ । ତାଙ୍କୁ ଜଣେ ଅସୁର ସାମନ୍ତ ବୁଝାଇ କହିଲେ— "କୁମାର ତୁମେ ପିତାଙ୍କ ବିରୁଦ୍ଧାଚରଣ କାହିଁକି କରୁଛ ? ପିତାମାତା ଜଗତରେ ସବୁଠାରୁ ବଡ଼ ଗୁରୁ । ସେମାନଙ୍କ ଉପଦେଶ ନ ମାନିଲେ ତୁମକୁ ଦଣ୍ଡ ଭୋଗିବାକୁ ପଡ଼ିବ । ତୁମେ ମୋ କଥା ମାନି ପିତାଙ୍କ ଉପଦେଶ ଅନୁସାରେ କାର୍ଯ୍ୟ କର ।"

ଏହା ଶୁଣି କହିଲେ ପ୍ରହ୍ଲାଦ—"ମୁଁ ପିତାଙ୍କୁ ଭକ୍ତି କରେ, ତାଙ୍କ ଉପଦେଶ ମାନି ଚଳିବାକୁ ମୁଁ ସବୁବେଳେ ଚାହେଁ ଛି । କିନ୍ତୁ ସେ ନିଜ ବଳରେ ଗର୍ବୀ ହୋଇ ଯାଇଛନ୍ତି । ସେ ଜଗତର ପିତା ପରମେଶ୍ୱରଙ୍କୁ ହେୟଜ୍ଞାନ କରୁଛନ୍ତି । ଏହା କରିବା ତାଙ୍କ ପକ୍ଷରେ ଉଚିତ୍ ନୁହେଁ । ସର୍ବଶକ୍ତିମାନ୍ ଶ୍ରୀହରିଙ୍କୁ ନିନ୍ଦା କରିବା ଆଦୌ ମଙ୍ଗଳକର ନୁହେଁ । ପରମେଶ୍ୱର ସକଳ ଜୀବର ଆଧାର । ସେ ସବୁ ଘଟରେ ବିରାଜମାନ କରିଛନ୍ତି । ଏହା ନ ମାନିଲେ ଚଳିବ କିପରି ? ମୁଁ ମୋ ପିତାଙ୍କ ଶ୍ରୀଚରଣତଳେ ଗୁହାରି କରୁଛି—ସେ ବିଷ୍ଣୁଙ୍କ ବିରୁଦ୍ଧରେ କିଛି କହନ୍ତୁ ନାହିଁ । ପୁତ୍ର ଭାବରେ ପିତାଙ୍କ ମଙ୍ଗଳ କାମନା କରିବା ମୋର କର୍ତ୍ତବ୍ୟ...।"

Digitized by srujanika@gmail.com

ପ୍ରହ୍ଲାଦ ଆସୁର ନେଇଛ ବଂଶ କହିବାକୁ ଯାଉଥିଲେ । କିନ୍ତୁ ହିରଣ୍ୟକଶିପୁ କ୍ରୋଧରେ ଅଗ୍ନିଶର୍ମା ହୋଇ ଆସନରୁ ଉଠି ଆସିଲେ । ସେ ହାତରେ ତରବାରୀ ଧରି ପ୍ରହ୍ଲାଦଙ୍କ ନିକଟକୁ ଛୁଟି ଆସିଲେ । ସେ ପ୍ରହ୍ଲାଦଙ୍କ କେଶକୁ ଧରି କହିଲେ-"ଆରେ ଅଧମ, ତୁ ମୋତେ ଉପଦେଶ ଦେଉଛୁ ? ମୁଁ ଚାହିଁଲେ, ଏହିକ୍ଷଣି ତୋ ଶରୀରରୁ ଶିରଟିକୁ ପୃଥକ୍ କରିଦେବି । ଦେଖିବି କେଉଁ ବନ୍ଧୁ ଆସି ତୋତେ ମୋ ହାତରୁ ରକ୍ଷା କରିବ ?"

ପ୍ରହ୍ଲାଦ ଆଦୌ ଉତ୍ତେଜିତ ନ ହୋଇ କହିଲେ—"ପିତା ଆପଣ ଚାହିଁଲେ ମୋତେ ମୃତ୍ୟୁଦଣ୍ଡ ଦେଇପାରିବେ ନାହିଁ । ମୃତ୍ୟୁଦଣ୍ଡ ଦେବାର ଏକମାତ୍ର ଅଧିକାରୀ ଭଗବାନ୍ । ସେ ନ ଚାହିଁବା ପର୍ଯ୍ୟନ୍ତ କାହାରି କେହି କୌଣସି କ୍ଷତି କରିପାରିବେ ନାହିଁ । ଆପଣ ଅନେକ ଚେଷ୍ଟା କରି-ସାରିଲେଣି ଅସ୍ତ୍ରଶସ୍ତ୍ରରେ ମୋ ପ୍ରାଣ ଗଲା ନାହିଁ । ଅଗ୍ନି କବଳରୁ ମୋତେ ଭଗବାନ୍ ରକ୍ଷା କରିଛନ୍ତି । କିନ୍ତୁ ଆପଣ ମୋତେ ମାରିବାକୁ ଯାଇ ପିଉସୀର ଜୀବନ ନାଇଛନ୍ତି ହାତୀର ପାଦତଳେ ମୋ ପ୍ରାଣ ଗଲାନାହିଁ । ତେଣୁ ମୁଁ ହାତଯୋଡ଼ି କହୁଛି—ଆପଣ ଭଗବାନଙ୍କ ଇଚ୍ଛାବିରୁଦ୍ଧରେ କିଛି କରନ୍ତୁ ନାହିଁ । ଆପଣ ଚାହିଁଲେ କିଛି ହୋଇପାରିବ ନାହିଁ । ପରମପିତା ପରମେଶ୍ୱର ସମସ୍ତଙ୍କର ମଙ୍ଗଳ କରନ୍ତି । ସେ ମଙ୍ଗଳମୟ । ତାଙ୍କ ଇଚ୍ଛା ବିନା ଏ ଜଗତରେ ପତ୍ରଟିଏ ହୁଦା ହଲିପାରିବ ନାହିଁ ।"

ହିରଣ୍ୟକଶିପୁ ସେତେବେଳକୁ ଗୋଟିପଣେ ରାଗରେ ଥରୁଥିଲେ । ସେ ଗର୍ଜିଉଠି କହିଲେ—"ସୈନ୍ୟମାନେ, ତୁମେ ଏ କୁଳାଙ୍ଗାରକୁ ଏଠାରୁ

Digitized by srujanika@gmail.com

ନେଇଯାଅ । ଏହାର ଗୋଡ଼ରେ ବଡ଼ ବଡ଼ ପଥର ବାନ୍ଧି ଏହାକୁ ସମୁଦ୍ରରେ ପକାଇଦିଅ । ଦେଖିବ, ସେଠାରେ କେଉଁ ବନ୍ଧୁ ଏହାକୁ ରକ୍ଷା କରିବ ?”

Digitized by srujanika@gmail.com

ଅସୁରମାନେ ପ୍ରହ୍ଲାଦଙ୍କୁ ସେଠାରୁ ନେଇଗଲେ । ସେ ତାଙ୍କ ହାତ ଗୋଡ଼ ବାନ୍ଧି ପକାଇଲେ । ଗୋଡ଼ରେ ବଡ ବଡ଼ ପଥରଖଣ୍ଡମାନ ବାନ୍ଧି ତାଙ୍କୁ ସମୁଦ୍ରରେ ପକାଇ ଦେଲେ ।

ପ୍ରହ୍ଲାଦଙ୍କୁ ସମୁଦ୍ର ଜଳରେ ଭଗବାନ୍ ରକ୍ଷାକଲେ । ଅକସ୍ମାତ୍ ତାଙ୍କ ଗୋଡ଼ରୁ ପଥର ଗୁଡ଼ିକ ଫିଟିଯାଇ, ସମୁଦ୍ରରେ ବୁଡ଼ିଗଲା । ସେ ଧୀରେ ଧୀରେ ଭାସି ଆସି କୂଳରେ ଲାଗିଲେ ।

ଅସୁରମାନେ ଭୟରେ ସେଠାରୁ ପଳାଇଗଲେ । ସେମାନେ ଯାଇ ଅସୁରରାଜଙ୍କ ଆଗରେ ସବୁକଥା ଜଣାଇଲେ । ତହୁଁ ହିରଣ୍ୟକଶିପୁ ଆଦେଶ ଦେଇ କହିଲେ—"ତୁମେମାନେ ସେ ନରାଧମକୁ ମୋ' ଆଗକୁ ଆଣନାହିଁ । ତାକୁ ତୁମେମାନେ ପର୍ବତର ଉଚ୍ଚ ଶିଖର ଉପରକୁ ନେଇଯାଅ । ସେଇଠାରେ ତାକୁ ଶୁଆଇ ଦେଇ, ତା' ଉପରେ ବଡ଼ ବଡ଼ ପଥର ଖଣ୍ଡମାନ ରଖିଦିଅ । ହଁ, ତୁମେମାନେ ସେଇଠାରେ ଜଗିଥିବ । ଯଦି କେହି ଆସି ତାକୁ ସେଠାରେ ସାହାଯ୍ୟ କରେ, ତାକୁ ସେଇକ୍ଷଣି କଠୋର ଶାସ୍ତି ଦେବ ।"

ଅସୁରମାନେ ରାଜାଙ୍କ ଆଜ୍ଞାମାନି ଚାଲିଗଲେ । ସେମାନେ ଯାଇ ଦେଖିଲେ-ପ୍ରହ୍ଲାଦ ସମୁଦ୍ର କୂଳରେ ଚକାମାଡ଼ି ବସିଛନ୍ତି । ସେ ଏକସ୍ୱରରେ ପ୍ରଭୁଙ୍କ ନାମ ଜପ କରୁଛନ୍ତି । ଅସୁରମାନେ ଭାବିଥିଲେ—ସେମାନଙ୍କୁ ଦେଖି ପ୍ରହ୍ଲାଦ ସେଠାରୁ ପଳାଇଯିବେ । କିନ୍ତୁ ସେଠାରୁ ପଳାଇବା ତ ଦୂରର କଥା, ସେ ଆଖି ସୁଦ୍ଧା ଖୋଲିଲେ ନାହିଁ ।

ଅସୁରମାନେ ପ୍ରଥମେ ପ୍ରହ୍ଲାଦଙ୍କୁ ବାନ୍ଧି ପକାଇଲେ । ତା'ପରେ ସେମାନେ ତାଙ୍କୁ ଟେକିନେଇ ପାହାଡ଼ ଉପରକୁ ଉଠିଗଲେ । ସେମାନେ ପ୍ରହ୍ଲାଦଙ୍କୁ ତଳେ ଶୁଆଇ ଦେଇ ତାଙ୍କ ଉପରେ ବଡ଼ବଡ଼ ପଥରଖଣ୍ଡମାନ

Digitized by srujanika@gmail.com

ଲଦିଦେଲେ ଏବଂ ତାଙ୍କ ଶରୀରପରେ ଆହୁରି ବଡ଼ବଡ଼ ପଥରମାନ ଆଣି ଜମା କରିଦେଲେ ।

ଏତିକ କରିବା ବେଳେ ପ୍ରହ୍ଲାଦ ଆଦୌ ବିଚଳିତ ହେଲେ ନାହିଁ । ସେ ଭଗବାନଙ୍କ ନାମ ଜପୁଥିଲେ । ଏହି ସମୟରେ ହଠାତ୍ ଘନଘୋର ମେଘ ଘୋଟି ଆସିଲା । ଆକାଶରୁ ବଡ଼ବଡ଼ କୁଆପଥରମାନ ବୃଷ୍ଟି ହେଲା । ଅସୁର ସୈନ୍ୟମାନେ ପ୍ରାଣଭୟରେ କିଏ କୁଆଡ଼େ ପଳାଇ ଗଲେ ।

ପ୍ରହ୍ଲାଦ ଅନୁଭବ କଲେ—ସତେ ଅବା, କେହି ଜଣେ ତାଙ୍କୁ ପଥର-ଗଦା ମଧ୍ୟରୁ ଉଠାଇ ନେଇଛି ।

୬।୦

ହିରଣ୍ୟକଶିପୁ ପ୍ରହ୍ଲାଦଙ୍କୁ ମାରିବାର ସମସ୍ତ ଉପାୟ କରି ଅଣ୍ଟିଗଲେ । ଶେଷରେ ତାଙ୍କୁ ନୂଆ ବୁଦ୍ଧି ଦିଶିଲା । ସେ ପ୍ରହ୍ଲାଦଙ୍କୁ ନେଇଯାଇ ଗୋଟିଏ ଲୁହା ଖମ୍ବରେ ଭଲକରି ବାନ୍ଧିଦେଲେ । ସେହି ଖମ୍ବରେ ଆଗରୁ ତେଲ ସୁଡ଼ୁ ସୁଡ଼ୁ କରି କନା ବନ୍ଧା ଯାଇଥିଲା । ତାକୁ ଦେଖାଇ କହିଲେ ଅସୁରରାଜ—"ପ୍ରହ୍ଲାଦ ! ଏଥର ତୋତେ ମୋ' କଥା ମାନିବାକୁ ହିଁ ପଡ଼ିବ । ଦେଖ, ଏହି ଖମ୍ବରେ ତେଲରେ ଭିଜା କନା ବନ୍ଧାଯାଇଛି । ତୁ ଯଦି ମୋ' କଥା ନ ମାନୁ, ତେବେ ସେ କନାରେ ନିଆଁ ଲଗାଇ ଦିଆଯିବ । ତୁ ଆପଣା ଛୁଏଁ ସେଥିରେ ପୋଡ଼ି ଜଳି ହୋଇ ମରିବୁ । ଏବେ ବି ସମୟ ଅଛି, ତୁ ମୋ'କଥା ମାନିଯାଅ । ତୁ ମୋ' ଶତ୍ରୁର ନାମ ଜପ କରିବା ଛାଡ଼ିଦେ ।"

ପ୍ରହ୍ଲାଦ ବିନୀତ ଭାବରେ କହିଲେ—"ପିତା, ଆପଣ ଏତେ ଅବୁଝା ହୁଅନ୍ତୁ ନାହିଁ । ଭଗବାନ୍ କାହାର ଶତ୍ରୁ ନୁହନ୍ତି । ସେ ସମସ୍ତଙ୍କର ବନ୍ଧୁ । ସେ ସଭିଙ୍କର ହିତ ଚିନ୍ତା କରନ୍ତି । ଆପଣ ମିଛଟାରେ ତାଙ୍କୁ ଶତ୍ରୁ ବୋଲି କହୁଛନ୍ତି ।

Digitized by srujanika@gmail.com

ପିତା, ଆପଣ ନିଜମନରୁ ଅହଙ୍କାର ଦୂର କରିଦିଅନ୍ତୁ । ଥରେ ମାତ୍ର ଆପଣ ପରମ ପିତାଙ୍କ ପବିତ୍ର ନାମ ଜପ କରି ଦେଖନ୍ତୁ । ଆପଣଙ୍କ ମନରେ ଚିରଶାନ୍ତି ବିରାଜମାନ ହେବ । ଆପଣ ଜଗତକୁ ଆପଣାର ବୋଲି ମନେକରନ୍ତୁ । ସେଥିରେ ଆପଣ ଶାନ୍ତି ପାଇବେ । ଆପଣ ଜ୍ଞାନୀ, ଶକ୍ତିଶାଳୀ ଓ ଗୁଣି ଅଟନ୍ତି । ମୋର ଏକମାତ୍ର ଅନୁରୋଧ ରକ୍ଷା କରନ୍ତୁ ।"

ଅସୁରରାଜଙ୍କ କ୍ରୋଧ ଚରମ ସୀମାରେ ପହଞ୍ଚିଲା । ସେ ନିଜ ହାତରେ ଲୁହା ଖମ୍ବରେ ନିଆଁ ଲଗାଇ ଦେଲେ । ଏହି ସମୟରେ ପ୍ରହ୍ଲାଦଙ୍କ ମାତା ଅନ୍ତଃପୁରରୁ ଧାଇଁ ଆସିଲେ । ସେ ସ୍ୱାମୀଙ୍କ ପାଦତଳେ ପଡ଼ି ପୁଅକୁ କ୍ଷମା କରିଦେବା ଲାଗି ଅନେକ କାକୁତି ମିନତି କଲେ । କିନ୍ତୁ ଅସୁରରାଜ ଆପଣା ଶକ୍ତିରେ ପାଗଳ ହୋଇ ଯାଇଥିଲେ । ସେ ପତ୍ନୀଙ୍କୁ ଧକ୍କା ଦେଇ ସେଠାରୁ ତଡ଼ିଦେଲେ ।

ଦୈତ୍ୟରାଜ ଭାବୁଥିଲେ—ଏଇଲେ ପ୍ରହ୍ଲାଦ ନିଜକୁ ରକ୍ଷା କରିବା ଲାଗି ଚିତ୍କାର କରିବ । ସେ ନିଜର ଅପରାଧ ସ୍ୱୀକାର କରି ତାକୁ ଖୋଲିଦେବା ଲାଗି କାକୁତି ମିନତି କରିବ । କିନ୍ତୁ ପ୍ରହ୍ଲାଦ ମୁହଁରୁ ପଦଟିଏ ହେଲେ କଥା ବାହାର କଲେ ନାହିଁ । ସେହି ଶାନ୍ତଭାବରେ ମନେ ମନେ ଭଗବାନଙ୍କ ଶ୍ରୀଚରଣରେ ମନ ଲଗାଇଲେ ।

ଅସୁରରାଜ ଆଉ ସହିପାରିଲେ ନାହିଁ । ଆଉ ଘଡ଼ିଏ ଅପେକ୍ଷା କରିବା ଲାଗି ତାଙ୍କ ତର ସହିଲା ନାହିଁ । ସେ ପାଟିକରି କହିଲେ—"ଏଥର ହୋଇଛୁ ତ ! କାହିଁ ତୋର ଭଗବାନ୍ ? ଏଠାରେ ଆସି ତୋତେ ରକ୍ଷା କଲୁ ନାହିଁ ତ ? ତୋ' ଦେହ କ'ଣ ପୋଡ଼ି ଜଳି ଯାଉନାହିଁ ?

ପ୍ରହ୍ଲାଦ ଧୀରେ କହିଲେ—"ପିତା, ମୋତେ ଟିକିଏ ହେଲେ ଗରମ ଲାଗୁନାହିଁ । ଏ' ତାତିଲା ଖମ୍ବ କିପରି ମୁଁ ଆଦୌ ଜାଣିପାରୁ ନାହିଁ । ବରଂ ଏଠାରେ ମୋ' ଅଙ୍ଗକୁ ଖୁବ୍ ଶୀତଳ ବୋଧ ହେଉଛି ।"

Digitized by srujanika@gmail.com

"ଆପଣ···କହୁଛୁ···? ତୋତେ ଏ' ଜଳନ୍ତା କୁଣ୍ଡାଗ୍ନି ଶୀତଳ ଜଣା ପଡ଼ୁଛି ? ମିଥ୍ୟାବାଦୀ ! ତୁ ମିଛ କହୁଛୁ । ବାସ୍ତବ କୌଣସି ଯାଦୁକର ! ସେ ତୋତେ ଯାଦୁକର ଦେଇଛି । ନୋହିଲେ ତୋର ଏ' ପ୍ରକାର ପାଗଳାମି ବାହାରନ୍ତା ନାହିଁ । ଏବେ ବି ସମୟ ଅଛି; ତୁ ସେ ଯାଦୁକରର ନାମ ଛାଡ଼ିଦେ । ମୁଁ ତୋତେ କ୍ଷମା କରିଦେବି ।"

"ପିତା !" ନମ୍ର ଗଳାରେ କହିଲେ ପ୍ରହ୍ଲାଦ—"ଆପଣ କ'ଣ ପ୍ରଭୁଙ୍କ ଲୀଳା ବୁଝିପାରୁ ନାହାନ୍ତି ? ଆପଣ ଏତେ ପରୀକ୍ଷା କଲେ, ତଥାପି ଆପଣଙ୍କର ମନବୋଧ ହେଲା ନାହିଁ ? ଭଗବାନ୍ ମୋତେ ସବୁଠାରେ ଯେପରି ରକ୍ଷା କରିଛନ୍ତି, ଏଠାରେ ମଧ୍ୟ ସେହିପରି ରକ୍ଷା କରିବେ । ସେ ଏହି ଖମ୍ବରେ ରହି ମୋତେ ଶୀତଳ ପବନ ଦ୍ୱାରା ରକ୍ଷା କରୁଛନ୍ତି ।"

Digitized by srujanika@gmail.com

ଏହା ଶୁଣିବା ମାତ୍ରେ ହିରଣ୍ୟକଶିପୁ ହାତରେ ଗୋଟିଏ ଗଦାଧରି ଝପଟି ଆସିଲେ । ସେ ରାଗରେ ଦାନ୍ତ କଡ଼ମଡ଼ କରି ପଚାରିଲେ—"ଦେଖା, ତୋ' ଭଗବାନ୍ କେଉଁଠି ଅଛି ? ମୁଁ ତାକୁ ଏହି ଗଦାଘାତରେ ଚୂନା କରିଦେବି !"

ପ୍ରହ୍ଲାଦ ଆଗପରି ବିଚଳିତ ନ ହୋଇ କହିଲେ—"ବାପା ! ଆପଣ ବଳ ଦେଖାନ୍ତୁ ନାହିଁ । ଭଗବାନ୍ ଚାହିଁଲେ ଏକ ନିମିଷକରେ ଆପଣଙ୍କୁ ଧ୍ୱଂସ କରିଦେବେ । ମୁଁ ଆପଣଙ୍କୁ ପୂର୍ବ ଭାବରେ କହୁଛି, ଆପଣ ବିଷ୍ଣୁଙ୍କୁ ଏପରି କୁବଚନ କୁହନ୍ତୁ ନାହିଁ । ସେ ସର୍ବଶକ୍ତିମାନ୍ । ସେ କାହାରି ଗର୍ବ ରଖନ୍ତି ନାହିଁ । ତାଙ୍କର ଶକ୍ତିରେ ସାରା ସୃଷ୍ଟି ପରିଚାଳିତ । ସେ ସବୁଠାରେ ପୂରି ରହିଛନ୍ତି ।"

ହିରଣ୍ୟକଶିପୁ ଠୋ' ଠୋ' ହୋଇ ହସି ଉଠିଲେ । ସେହି ହସ ମଧ୍ୟରେ ଲୁଚି ରହିଥିଲା—ତାଙ୍କର ଅହଂକାର । ସେ ଗଦା ବୁଲାଇ ଲୌହସ୍ତମ୍ଭ ଉପରେ ଗୋଟିଏ ପ୍ରହାର କରିଦେଇ କହିଲେ—"ତୁ ମୋତେ କ'ଣ ବୋଲି ଭାବିଛୁ ପ୍ରହ୍ଲାଦ ? ମୁଁ କଠୋର ତପସ୍ୟା ଫଳରେ ଯେଉଁ ଅମୋଘ ବର ପାଇଛି ସେଥିପାଇଁ ତୋ ବିଷ୍ଣୁ ମୋ ନିକଟରେ ନିରୁପାୟ । ମୋର ସେ କିଛି କରିପାରିବ ନାହିଁ ।"ହାଃ...ହାଃ...କରି ହସିବାକୁ ଲାଗିଲେ ।

ଏହି ସମୟରେ ଲୌହସ୍ତମ୍ଭରୁ ଅଲୌକିକ ତେଜ ବାହାରିବାକୁ ଲାଗିଲା । ସେ ତେଜରେ ଅସୁରରାଜଙ୍କ ଆଖି ଝଲସି ଉଠିଲା । ସେହି ତେଜପୁଞ୍ଜ ମଧ୍ୟରୁ ଗୋଟିଏ ଅଦ୍ଭୁତ ରୂପ ବାହାରି ଆସିଲା । ସେ ରୂପ ମନୁଷ୍ୟ ନୁହେଁ କିମ୍ବା ପଶୁ ନୁହେଁ । ସେ ନରସିଂହ ରୂପରେ ଉଭା ହେଲେ ! ତାଙ୍କ ଶରୀରର ଅଧେଅଂଶ ମନୁଷ୍ୟପରି ଓ ଅନ୍ୟ ଅଧକ ସିଂହପରି । ସେପରି ଅଦ୍ଭୁତ ରୂପ ଅସୁରରାଜ ତାଙ୍କ ଜୀବନରେ କେବେ ଦେଖି ନ ଥିଲେ । ପ୍ରଭୁଙ୍କର ଏହି ଭୟଙ୍କର ରୂପ ଦେଖି ଅସୁରରାଜ ଭୟରେ କେତେ ପାହୁଣ୍ଡ ପଛକୁ ଘୁଞ୍ଚିଗଲେ ।

Digitized by srujanika@gmail.com

ନରସିଂହ ଅବତାର



Digitized by srujanika@gmail.com

ପ୍ରହ୍ଲାଦ ପ୍ରଭୁଙ୍କ ସ୍ୱରୂପ ଦେଖି ଚକିତ ହୋଇଗଲେ ! ସେ ଭାବିଲେ—'ପ୍ରଭୁ ମୋର ପାଇଁ ଏ ଅପୂର୍ବ ରୂପ ଧାରଣ କରିଛନ୍ତି । ମୋ ପିତାଙ୍କ ମରଣ ନିକଟ ହୋଇ ଆସିଲା । ପ୍ରଭୁ କ୍ଷଣକ ମଧ୍ୟରେ ମୋ ପିତାଙ୍କୁ ବଧ କରିଦେବେ ।'

ପ୍ରହ୍ଲାଦଙ୍କ ବାପା ଅସୁର ନରସିଂହଙ୍କୁ ଦେଖି ଅବାକ୍ ହୋଇଗଲେ । ତାଙ୍କ ପାଟିରୁ ପଦଟିଏ କହିଲେ କିନ୍ତୁ ବାହାରିଲା ନାହିଁ । ସେ ଭୟରେ ଜଡ଼ ପାଲଟିଗଲେ । କ'ଣ କହିବେ, କ'ଣ କରିବେ, ସେକଥା ଭାବିଲେ ତାଙ୍କୁ ବୁଦ୍ଧି ଦିଶିଲା ନାହିଁ । ସେ ଭୟରେ ଥର ଥର ହାତଯୋଡ଼ି ଦେଲେ ।

ଏହି ସମୟରେ ନରସିଂହ ଆଗକୁ ଆଗେଇ ଆସି ଗମ୍ଭୀର ସ୍ୱରରେ କହିଲେ—"ଅସୁର ! ତୋର କାଳ ପୂରିଗଲାଣି । ବର୍ତ୍ତମାନ ଦିନ ନୁହେଁ କିମ୍ବା ରାତି ନୁହେଁ । ଏହା ହେଉଛି—ସନ୍ଧ୍ୟାକାଳ । ମୁଁ ନର ନୁହେଁ କିମ୍ବା ପଶୁ ନୁହେଁ—ନରସିଂହ ।"

ଅସୁରରାଜ ଭୟରେ ପଛଘୁଞ୍ଚା ଦେଇ ପଳାଇବାକୁ ଚେଷ୍ଟାକଲେ । ନରସିଂହ ଝପଟିଆଇ ହିରଣ୍ୟକଶିପୁଙ୍କୁ ତଳୁ ଉଠାଇନେଲେ । ସେ ତାଙ୍କୁ ଖେଳନାପରି ତଳୁ ଉଠାଇନେଇ ନିଜ ଜଙ୍ଘ ଉପରେ ଶୁଆଇଦେଲେ । ନିଜର ମୁନିଆଁ ନଖରେ ଅସୁରର ପେଟକୁ ଫାଡ଼ି ପକାଇଲେ । ହିରଣ୍ୟକଶିପୁ ଘୋର ଗର୍ଜନ କରି ପ୍ରାଣତ୍ୟାଗ କଲା ।

Digitized by srujanika@gmail.com

ସେତିକିବେଳେ
ପ୍ରହ୍ଲାଦ ଓ ତାଙ୍କ
ମାତା ହାତଯୋଡ଼ି ଦୂରରେ
ଛିଡ଼ା ହୋଇଥିଲେ ।
ନରସିଂହଙ୍କର ଏହି
ଭୟଙ୍କର ରୂପ ଦେଖି ବ୍ରହ୍ମା,
ଶିବ ପ୍ରଭୃତି ଦେବତାମାନେ
ତାଙ୍କ ପାଖକୁ ଯିବାକୁ
ସାହସ କଲେ ନାହିଁ ।
ସେମାନେ ତାଙ୍କୁ ଶାନ୍ତ
କରିବା ପାଇଁ ପ୍ରହ୍ଲାଦଙ୍କୁ
ଅନୁରୋଧ କଲେ ।
ଶେଷରେ ପ୍ରହ୍ଲାଦ
ନୃସିଂହ ଦେବଙ୍କ ନିକଟକୁ
ଯାଇ ତାଙ୍କର ସ୍ତୁତି କଲେ
ଓ ଆଶୀର୍ବାଦ ନେଲେ ।

ଏଥିରେ ନୃସିଂହଦେବ ଶାନ୍ତ ହୋଇ ପ୍ରହ୍ଲାଦଙ୍କୁ କୋଳକୁ ଆଣି ସ୍ନେହ କଲେ । ଏହାପରେ ତାଙ୍କର କ୍ରୋଧ ଶାନ୍ତ ହେଲା । ଆକାଶରେ ରହି ଦେବଗଣ ନରସିଂହରୂପୀ ଭଗବାନଙ୍କୁ ଆନନ୍ଦରେ ସ୍ତବ ସ୍ତୁତି କଲେ ।

Digitized by srujanika@gmail.com